# DEPARTMENT OF ODIA
# PATTAMUNDAI COLLEGE, PATTAMUNDAI
DIST-KENDRAPARA,ODISHA ,PIN-754215.

PROJECT

ACADEMIC SESSION -2021-2022

TOPIC: - "SRI JAGANNATHA IN UTKALIYA CULTURE

(UTKALIYE SANSKRUTIRE SRI JAGANNATHA)

GUIDE: - MR. PRAMOD KUMAR SWAIN, READER IN ODIA

# DEPARTMENT OF ODIA

## PATTAMUNDAI COLLEGE, PATTAMUNDAI DIST-KENDRAPARA-754215.

### PROJECT REPORT

The Project Report is submitted as the evidence of tasks that are undertaken and accomplished by the 6th Semester Students of Odia Department while perusing their Projects Work on the Topic " SRI JAGANNATH IN UTKALIYA CULTURE (Utkaliye Sanskrutire Sri Jagannatha ) during the academic session 2021-2022 in the month of May-2022.The Students of this Department visited Jagannatha Temple, Bagabat Tungi ( Where Srimad Bhagabat is recited in regular way) of three Villages of the Locality & interacted with the elderly persons of the Villages, how they realise the existence and importance of Lord Jagannath in Village Cultures . The Project was guided by **Mr. Pramoad Kumar Swain, Reader in Odia** and the students presented their Project Report before the External Examiner & other faculty members for final evaluation.

| | | |
|---|---|---|
| Pramod Kumar Swain<br>Signature of the Guide<br>3.7.2022 | Dilip Kumar Mahapatra<br>Signature of the External Examiner<br>03/07/2022<br>ଓଡ଼ିଆ ବିଭାଗ | Principal<br>3-7-22<br>Principal<br>Pattamundai College |

# ସୂଚୀପତ୍ର

| କ୍ରମାଙ୍କ | ବିଷୟ |
| --- | --- |
| ୧ | ସଂସ୍କୃତିର ସଂଜ୍ଞା / ପରିଭାଷା । |
| ୨ | ଶ୍ରୀ ଜଗନ୍ନାଥ ସଂସ୍କୃତି । |
| ୩ | ମହାପ୍ରଭୁଙ୍କର ବିଭିନ୍ନ ବେଶ । |
| ୪ | ମହାପ୍ରଭୁଙ୍କର ବିଭିନ୍ନ ଯାତ୍ରା । |
| ୫ | ନିଷ୍କର୍ଷ । |

## ସଂସ୍କୃତିର ସଂଜ୍ଞା / ପରିଭାଷା

ସଭ୍ୟତା ହେଉଛି ସମାଜର ବହିରଙ୍ଗ ଏବଂ ବାହ୍ୟ ଜଗତର ରୂପାୟନ ମାତ୍ର: କିନ୍ତୁ ସଂସ୍କୃତି ମାଧ୍ୟମରେ ଜାତିର ଆତ୍ମା ପ୍ରତିଫଳିତ ହୋଇଥାଏ । ସଂସ୍କୃତି ଏକ ପ୍ରବହମାନ ଧାରା । ଏହା ସମାଜ ଜୀବନକୁ ସର୍ବତୋଭାବରେ ଅନୁପ୍ରାଣିତ କରିଥାଏ ଏବଂ ତାହା ସ୍ଥାୟୀ ହୋଇଥାଏ ଜାତୀୟ ଜୀବନରେ ପ୍ରଗତି ମାର୍ଗରେ ଆଲୋକବର୍ତ୍ତିକା । ମାନବଦେହର ନାଶ ଅଛି: କିନ୍ତୁ ଦିଗନ୍ତ ପ୍ରସାରୀ । ସେ ନିଜର ବ୍ୟକ୍ତିତ୍ୱକୁ ଉନ୍ମୋଚିତ କରିଥାଏ । ତାହା ଚିର ସବୁଜ ହୋଇଥାଏ କେବଳ ସଂସ୍କୃତିର ବଳିଷ୍ଠ ରୂପାୟନରେ, ସାଂସ୍କୃତିକ ବଳର ମଧ୍ୟରୁ ମାନବ ଜୀବନରେ ମାନବି-କତାର ଉଦୟ ଘଟିଥାଏ । ମଣିଷ ଜୀବନରେ ସ୍ୱାଭାବିକ ପଶୁ ପ୍ରବୃତ୍ତିର ପ୍ରାଚୁର୍ଯ୍ୟ ରହି-ଥିଲେ ମଧ୍ୟ ସାଂସ୍କୃତିକ ପ୍ରେରଣାରେ ତାହାକୁ ମଣିଷ ଅତିକ୍ରମ କରି ମାନବିକତାର ପରିଚୟ ପ୍ରଦାନ କରିଥାଏ ।

[illegible] - ଜଣେ ଦାର୍ଶନିକ ଉଲ୍ଲେଖ କରିଛନ୍ତି ଯେ:- ଯେଉଁ ଜାତିର ସଂସ୍କୃତି ଯେତେ ଉନ୍ନତ, ସେଠାରେ ଅବସ୍ଥିତ ମନୁଷ୍ୟଗଣ ଅଧିକ ସଂସ୍କୃତି ସମ୍ପନ୍ନ ଓ ପ୍ରଗତିଶୀଳ ।

ପୂର୍ଣ୍ଣ ଶବ୍ଦକୋଷରେ ପଣ୍ଡିତ [illegible] ଉଲ୍ଲେଖ କରିଛନ୍ତି ଯେ :-

ସଂସ୍କୃତି - ସଂ (ସମ୍ - କୃ - ତି) ମାନସିକ ଉତ୍କର୍ଷ, ଶିକ୍ଷାଦ୍ୱାରା ବା ଚର୍ଚ୍ଚାଦ୍ୱାରା ଲବ୍ଧ ବିଦ୍ୟା - ବୁଦ୍ଧି - ଶିଳ୍ପ - କଳା - ରୀତି - ନୀତି ଆଦିର ଉତ୍କର୍ଷ (ବି ସାଂସ୍କୃତିକ) ।

ସଂସ୍କୃତି ହେଉଛି ମାନସିକ ଉତ୍କର୍ଷ । ଏହା ଲବ୍ଧ ବିଦ୍ୟାବୁଦ୍ଧି ଶିଳ୍ପକଳା ରୀତିନୀତିର ଉତ୍କର୍ଷ । ଏହା ଭୌତିକ ଔଜ୍ଜ୍ୱଲ୍ୟ ଗୋଟିଏ ଜାତିର ଉନ୍ନତିର ସର୍ବଶ୍ରେଷ୍ଠ ପରିଚୟ ନୁହେଁ । ଜାତୀୟ ଜୀବନର ସମୃଦ୍ଧିର ସର୍ବଶ୍ରେଷ୍ଠ ମାନଦଣ୍ଡ ହେଉଛି ତାହାର ବଳିଷ୍ଠ ସାଂସ୍କୃତିକ ପରି-ବେଶ । ସଂସ୍କୃତିର ଭାବନା ସମାଜର ଉପର ସ୍ତରରୁ ତଳ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ । ଏକ ବଳିଷ୍ଠ ସଂସ୍କୃତିର ଅଧିକାରୀ ମାନବ ସମାଜ ଆସିଲେ ଦୁର୍ବଳତାକୁ ଆତ୍ମବଳରେ ମୁକାବିଲା କରିପାରେ । ଆଗ ଭାଷା, ତା' ପରେ ସାହିତ୍ୟ । ସାହିତ୍ୟ ହେଉଛି ସଂସ୍କୃତିର ଜୀବନଧାରା । ସାହିତ୍ୟ ହେଉଛି ସଂସ୍କୃତିର ସନ୍ତକ ଓ ପରିମାପକ । ସଂସ୍କୃତି ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ଆକାର ଓ ସ୍ୱାଦ ଦିଏ, ସାହିତ୍ୟ ସଂସ୍କୃତି ପାଇଁ ଏକ ଦର୍ପଣର କାର୍ଯ୍ୟ କରେ । ସାହିତ୍ୟ ଯେ କୌଣସି ସଂସ୍କୃତିକୁ ଏକ ଆତ୍ମଦର୍ଶନର ଅବକାଶ ଆଣି ଯୋଗାଇ ଦେଇଥାଏ । ସଂସ୍କୃତି ଜୀବନର ସତ୍ୟଗୁଡ଼ିକୁ ହିଁ ଆବିଷ୍କାର କରିବାରେ ସକ୍ଷମ ହୋଇଥାଏ ।

## ସଂସ୍କୃତିର ପାରିଭାଷିକ ପରିଭାଷା -

(୧) ଜୀବନଗତ ଉତ୍କର୍ଷ ।

(୨) ଶିକ୍ଷାଦ୍ୱାରା ବା ଚେଷ୍ଟାଦ୍ୱାରା ଲବ୍ଧ ବିଦ୍ୟାବୁଦ୍ଧି ।

(୩) ଶିଳ୍ପକଳା ଉତ୍କର୍ଷ ।

(୪) ରୁଚି ଓ ନୀତିରୀତିର ଉତ୍କର୍ଷ ।

(୫) ବ୍ୟକ୍ତିତ୍ୱର ଉନ୍ମେଷ ।

(୬) ମାନସିକତାର ଉନ୍ନତି ଓ ପରାକାଷ୍ଠା ।

(୭) ସତ୍ୟ, ଶାନ୍ତି, ଦୟା, କ୍ଷମା, ଗୁଣଯୁକ୍ତ ।

(୮) ବିଦ୍ୟାବୁଦ୍ଧି ଦ୍ୱାରା ପ୍ରଗତିଶୀଳ ।

(୯) ସାଂସ୍କୃତିକ ସବୁଜ ବଳୟ ।

(୧୦) ମାନବତାର ଦୁର୍ବଳତା ବିରୁଦ୍ଧରେ ସଫଳତାରେ ମୁକାବିଲା କରିବାର ସାହସ ।

(୧୧) ସଭ୍ୟତା ହେଉଛି ବହିରଙ୍ଗ; କିନ୍ତୁ ସଂସ୍କୃତି ହେଉଛି ଅନ୍ତରାତ୍ମା ।

(୧୨) ସଂସ୍କୃତି ଏକ ପ୍ରବାହମାନ ଧାରା ।

(୧୩) ସଂସ୍କୃତି ସମାଜ ଜୀବନକୁ ସର୍ବତୋଭାବେ ପରିଚାଳିତ କରେ ।

(୧୪) ସଂସ୍କୃତି ଜାତୀୟ ଜୀବନର ପ୍ରଗତି ପଥରେ ଆଲୋକବର୍ତ୍ତିକା ।

(୧୫) ସଂସ୍କୃତି ଏକ ଚିରନ୍ତନ ପ୍ରବାହ ।

(୧୬) ସାହିତ୍ୟ ହେଉଛି ସଂସ୍କୃତିର ମୁଖ ଦର୍ପଣ ।

ଯୋଗ ହେଲା, ତା ପରେ ସାହିତ୍ୟ । ସାହିତ୍ୟ ହେଉଛି ସଂସ୍କୃତିର ଜୀବନ ସତ୍ତା । ସାହିତ୍ୟ ହେଉଛି ସଂସ୍କୃତିର ସ୍ରଷ୍ଟା ଓ ପରିମାପକ । ସଂସ୍କୃତି ସାହିତ୍ୟକୁ ଏକ ନିର୍ଦ୍ଦିଷ୍ଟ ଆକାର ଓ ସ୍ୱରୂପ ଦିଏ, ସାହିତ୍ୟ ସଂସ୍କୃତିପାଇଁ ଏକ ଦର୍ପଣର କାର୍ଯ୍ୟ କରେ ସାହିତ୍ୟରେ କୌଣସି ସଂସ୍କୃତି-କୁ ଏକ ଆତ୍ମଦର୍ଶନର ଅବକାଶ ଆଣି ଦେଇଥାଏ । ସଂସ୍କୃତି ସାହିତ୍ୟର ପଛେ ପଛେ ଥାଏ, ପୁଣି ପୁରୋଭାଗରେ ବି ରହିଥାଏ । ସଂସ୍କୃତି ସାହିତ୍ୟକୁ ପ୍ରଭାବିତ କରୁଥାଏ ସଂସ୍କୃତି ହେଉଛି ଏକ ପ୍ରେରଣା । ବ୍ୟକ୍ତିଗତ ତଥା ସାମାଜିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା : ବ୍ୟକ୍ତିଗତ ଜୀବନରେ ତାହା ମୂଳତଃ ଅନ୍ୟ ସବୁ ମଣିଷଙ୍କ ସହିତ ଏକ ଅନ୍ତଃ ଭାବଗତ ସୂତ୍ରରେ ସମ୍ପର୍କିତ ହୋଇ ରହିବାର ତଥା ନିଜସ୍ୱରକୁ ସମୃଦ୍ଧିମନ୍ତ କରିବାର ଆକାଂକ୍ଷା ତଥା ସାମାଜିକ ଜୀବନରେ ତାହା କେତେ ଗୁଡିକର ମାଧ୍ୟମରେ ଲୋକଙ୍କୁ ଏକତ୍ରିତ କରି ରଖିବାର କାମନା ରହିଥା, ତାହା ପ୍ରତ୍ୟେକ ମନୁଷ୍ୟଙ୍କୁ ସମସ୍ତ ତଥା ସୁନିର୍ଦ୍ଦିଷ୍ଟ ଭାବରେ ବିକଶିତ ହୋଇ ପାରିବାର ପରିବେଶଟିକୁ ଯୋଗାଇ ଦେଇଥାଏ । ସଂସ୍କୃତି ଏକ ଆବେଦନ, ଏକ ସତ ଉଦ୍ୟମ, ସତ ଆଦର୍ଶ ଗୁଡିକୁ ସମ୍ମାନ ଦେବାର ଏକ ଉଦ୍ୟମ । ସଂସ୍କୃତି ଏକ ଆବେଦନ, ଏକ ସଂସ୍କୃତି ଜୀବନର ସତ୍ୟଗୁଡିକୁ ଚିହ୍ନି ପାରିବାର କରି ସେଗୁଡିକୁ ଜୀବନ ମଧ୍ୟରେ ପ୍ରତିଫଳିତ କରାଇବା ଲାଗି ସ୍ପୃହା ରହିଥାଏ । ସଂସ୍କୃତି ଏକ ସମଗ୍ର ଦୃଷ୍ଟି, ତାହା ଏକ ଜୀବନ । ସଂସ୍କୃତି ସେହି ଜୀବନର ଏକ ବିଚ୍ଛୁରିତ ସମ୍ଭାବନା ରୂପେ ଜୀବନର ଲାଳିତ୍ୟମୟ ପ୍ରକାଶ ତଥା ପ୍ରେରଣା ମଧ୍ୟରେ ସମାହିତ ହୋଇ ରହିଥାଏ । ସଂସ୍କୃତି ମୂଳତଃ ଏକ ସତ ଚାହିଦା ଭୂମି ।

ସଂସ୍କୃତିର ଇତିହାସ ହେଉଛି ସତ ସଂଘର୍ଷର ଇତିହାସ, ଆଦର୍ଶ ପୁଣି ଆଦର୍ଶର ଜୟଗାନ ଗାଇବାର ଇତିହାସ, ସୋପାନ ପରେ ସୋପାନ ଅତିକ୍ରମ କରିବାର ଇତିହାସ ।

ବ୍ୟାପକ ଦୃଷ୍ଟିକୋଣରୁ ବିଚାର କଲେ ସାମଗ୍ରିକ ଭାବେ ସାହିତ୍ୟ ମଣିଷ ସମାଜର ସଂସ୍କୃତିର ଏକ ପ୍ରତିବିମ୍ବ ଅଟେ । ସଂସ୍କୃତି ସେହି ଜୀବନର ଏକ ବିଚ୍ଛୁରିତ ସମ୍ଭାବନା ରୂପେ ଜୀବନର ଲାଳିତ୍ୟମୟ ପ୍ରକାଶ ତଥା ପ୍ରେରଣା ଯୋଗାଇ ଥାଏ । ସଂସ୍କୃତି ଜୀବନର ସତ୍ୟକୁ ଆବିଷ୍କାର କରେ । ସଂସ୍କୃତି ଆଦିମତାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଭାବିତ ମଣିଷକୁ କରିଛି ।

## ଶ୍ରୀ ଜଗନ୍ନାଥ ସଂସ୍କୃତି

### କ୍ଷେତ୍ର ମହାତ୍ମ୍ୟ:-

ଶ୍ରୀ ଜଗନ୍ନାଥ ସଂସ୍କୃତି ମହାନ୍ ସଂସ୍କୃତି । ସର୍ବଧର୍ମ ସମନ୍ୱୟର କ୍ଷେତ୍ର ହେଉଛି ଶ୍ରୀ ଜଗନ୍ନାଥ କ୍ଷେତ୍ର । ଏହା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଭାବରେ ପରିଚିତ । ଏହି କ୍ଷେତ୍ରକୁ ଶ୍ରୀକ୍ଷେତ୍ର ଓ ପୁରୁଷୋତ୍ତମ କ୍ଷେତ୍ର ନାମରେ ପ୍ରଚାର । ଏହି କ୍ଷେତ୍ରରେ 'ଶ୍ରୀ' ଅର୍ଥାତ୍ ମହାଲକ୍ଷ୍ମୀ ବିରାଜମାନ କରୁଥିବାରୁ ଏହି କ୍ଷେତ୍ରର ନାମ 'ପୁରୁଷୋତ୍ତମ' କ୍ଷେତ୍ର 'ଶ୍ରୀକ୍ଷେତ୍ର' । ପୁନଶ୍ଚ ଶ୍ରୀ ଜଗନ୍ନାଥ ପୁରୁଷୋତ୍ତମ ବିରାଜମାନ କରୁଥିବାରୁ ଏହି କ୍ଷେତ୍ରର ନାମ 'ପୁରୁଷୋତ୍ତମ' କ୍ଷେତ୍ର । ଏହି କ୍ଷେତ୍ରର ନାମ ଦଶାବତାର କ୍ଷେତ୍ର, ଯୋଗକ୍ଷେତ୍ର, ଦିବ୍ୟକ୍ଷେତ୍ର, ଶଙ୍ଖକ୍ଷେତ୍ର, ଶ୍ରୀକ୍ଷେତ୍ର ଓ ପୁରୁଷୋତ୍ତମ କ୍ଷେତ୍ର ବୋଲି ସ୍କନ୍ଦ ପୁରାଣର ଉତ୍କଳଖଣ୍ଡରୁ ଜଣାଯାଏ । ଧର୍ମଶୋଧକ ବିପ୍ରମାନେ ଏହି କ୍ଷେତ୍ରକୁ ତିନି ଦିଗରୁ 'ବାଙ୍କି ମୁହାଣ ନଦୀ', 'ମଣିଯାତ୍ରୀ ନଦୀ', ମଙ୍ଗଳା ନଦୀ ଓ ଅନ୍ୟ ଏକ ଦିଗରୁ ମହୋଦଧି ଘେରି ରହିଥିବାରୁ ଏହା ଆକାରରେ ଶଙ୍ଖ ସଦୃଶ ହେତୁ ପୁରାଣମାନଙ୍କରେ ଏହି କ୍ଷେତ୍ର 'ଶଙ୍ଖ କ୍ଷେତ୍ର' ନାମରେ ଖ୍ୟାତ । ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ର ସର୍ବଧର୍ମ ସମନ୍ୱୟର କ୍ଷେତ୍ର । ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ବହୁ ସଂସ୍କୃତି, ମତବାଦ ତଥା ସମ୍ପ୍ରଦାୟର ପୀଠସ୍ଥଳୀ । ମହାପଦ୍ମନନ୍ଦ ନାମକ ମଗଧରାଜ କଳିଙ୍ଗରୁ 'ଜିନାସନ' ନେଇ ମଗଧରେ ସ୍ଥାପନ କରିଥିଲେ । ସମ୍ଭବତଃ ସେହି ଜିନାସନ ହେଉଛନ୍ତି ଶ୍ରୀ ଜଗନ୍ନାଥ । ଜାତୀୟ ଗୌରବର ପ୍ରତୀକ ସେହି ଜିନାସନକୁ କଳିଙ୍ଗର ମହାମେଘବାହନ ସମ୍ରାଟ ଖାରବେଳ ଫେରାଇ ଆଣିଥିଲେ । ସେହି ଜିନାସନ ବା ଜିନନାଥ ଜାତୀୟ ବିଗ୍ରହ ରୂପେ ସମ୍ମାନିତ । ବୌଦ୍ଧଧର୍ମ ମତାନୁସାରେ ଶ୍ରୀ ଜଗନ୍ନାଥ ହେଉଛନ୍ତି ବୁଦ୍ଧ । ଶ୍ରୀ କ୍ଷେତ୍ରରେ ଅବସ୍ଥିତ ଲୋକନାଥ, କପାଳମୋଚନ, ମାର୍କଣ୍ଡେଶ୍ୱର, ଯଜ୍ଞେଶ୍ୱର ଓ ଈଶାନେଶ୍ୱର ପ୍ରଭୃତିଙ୍କ ଅବସ୍ଥିତିରେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଶୈବାଚାର୍ଯ୍ୟମାନଙ୍କ ଦ୍ୱାରା ପରେ ଶୈବକ୍ଷେତ୍ର ପ୍ରତିଷ୍ଠିତ ହୋଇଥିଲା । ପରବର୍ତ୍ତୀକାଳରେ ଶଙ୍କରାଚାର୍ଯ୍ୟ ଓ ରାମାନୁଜ ଜଗନ୍ନାଥ 'ବୈଷ୍ଣବ' ରୂପେ ବୈଷ୍ଣବାଚାର୍ଯ୍ୟମାନଙ୍କ ଦ୍ୱାରା ପୂଜିତ ହୋଇଥିଲା । ଏକାଦଶ ଶତାବ୍ଦୀବେଳକୁ ଓଡ଼ିଶାର ଶୈବ, ଶାକ୍ତ ଓ ବୈଦିକ ଧର୍ମ ସମସ୍ତ ବିଭାଗରେ ପ୍ରଭାବ ଅସ୍ତମିତ ହୋଇସାରିଥିଲା । ଏବଂ ଏହି କ୍ଷେତ୍ର ବିଷ୍ଣୁକ୍ଷେତ୍ର ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲା । 'ତନ୍ତ୍ରଯାମଳ' ପ୍ରଭୃତିରୁ ଜଣାଯାଏ ଯେ, ଉତ୍କଳ ପୂର୍ବ ପୁରୁଷୋତ୍ତମରେ ଦାରୁ ରୂପେ ଜଗନ୍ନାଥ ପୂଜିତ ।

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହୋଦଧି ତଟରେ ନୀଳଗିରି ଓ ନୀଳାଦ୍ରି ରୂପେ ଖ୍ୟାତ। ସ୍କନ୍ଦ ପୁରାଣ, ତନ୍ତ୍ରଯାମଳ, ରାମାୟଣ ଓ ମହାଭାରତ ଆଦିରେ ଏହାର ପୌରାଣିକ ପ୍ରମାଣ ରହିଛି। ପୁରୁଷୋତ୍ତମରେ ଶ୍ରୀ ପୁରୁଷୋତ୍ତମଙ୍କର ଅବସ୍ଥିତି ହେତୁ ଏହି କ୍ଷେତ୍ରର ନାମ 'ପୁରୁଷୋତ୍ତମ କ୍ଷେତ୍ର'। ଏହା ମୁରାରି ମିଶ୍ରଙ୍କ ରଚିତ ଅନର୍ଘ ରାଘବ ନାଟକର ପ୍ରସ୍ତାବ ଓ କୃଷ୍ଣ ମିଶ୍ରଙ୍କ 'ପ୍ରବୋଧ ଚନ୍ଦ୍ରୋଦୟ' ନାଟକରୁ ଜଣାଯାଏ। ସାରଳାଦାସରେ ପୁରୁଷୋତ୍ତମ ଆଖ୍ୟାୟୀ ଏକ ଦେବାଳୟ ରହିଛି ବୋଲି ଉଲ୍ଲେଖ ରହିଛି। ଏହା ବ୍ୟତୀତ 'ତ୍ରିକାଣ୍ଡ ଶେଷ' ରେ ମଧ୍ୟ ବର୍ଣ୍ଣିତ ରହିଛି। ଏହା ହିଁ ପୁରୁଷୋତ୍ତମ କ୍ଷେତ୍ର ଜଗନ୍ନାଥ, ଯାହା ବିଶ୍ୱସମାଜରେ ସୁପରିଚିତ।

ଲୋକାଧିପତି ଶ୍ରୀଜଗନ୍ନାଥ :-

ଶ୍ରୀ ଜଗନ୍ନାଥ ଜଗତର ନାଥ। ସେ ପରମ ଆରାଧ୍ୟ ଦେବତା। ସେ ରହସ୍ୟମୟ। ଓଡ଼ିଶାର ସେ ରାଷ୍ଟ୍ର ଦେବତା। ଭାରତୀୟ ସଂସ୍କୃତିରେ ସେ ରହସ୍ୟ ମୟ ଦାରୁଦେବତା। ପ୍ରତ୍ୟେକ ଗୃହସ୍ଥ ପୁଣି ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ଶ୍ରୀ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରି କାର୍ଯ୍ୟ ଆରମ୍ଭ କରେ। ସେ ସବୁ ସମ୍ପ୍ରଦାୟର ସମନ୍ୱୟ ଦେବତା। ସେ ବୈଦିକ ଯୁଗର ଦେବତା ବୋଲି ମଧ୍ୟ ଅନେକ ମତଦିଅନ୍ତି। ପୁଣି ପ୍ରାକ୍‌ବୈଦିକ ବୋଲି ମତ ପ୍ରକାଶ ଥାଆନ୍ତି। ବ୍ରହ୍ମାଣ୍ଡ ପର୍ବର ପରମଆରାଧ୍ୟ ଜଗନ୍ନାଥ ନୀଳମାଧବ ଶବର ଦ୍ୱାରା ପୂଜିତ ହୋଇଥିବାରୁ ଶ୍ରୀ ଜଗନ୍ନାଥ ପ୍ରାକ୍ ବୋଲି ସ୍କନ୍ଦ ପୁରାଣରୁ ସୂଚନା ମିଳେ। ନୀଳାଚଳ ଗାଥା ଓ ନିଳକଣ୍ଠ ପୁରିରୁ ବୈଦିକ ଓ ଦ୍ରାବିଡ ଉପାସ୍ୟ ମଧ୍ୟ ସୂଚିତ ହୁଏ। ସବୁ ଧର୍ମ ଦେବାଦେବୀ ପାଖରେ ନିର୍ମିତ ଦେହଥିବା ବେଳେ ଶ୍ରୀ ଜଗନ୍ନାଥ କାଷ୍ଠରୁ ନିର୍ମିତ। ପୁରାଣର ବର୍ଣ୍ଣନା ଅନୁସାରେ ଶ୍ରୀକୃଷ୍ଣଙ୍କ ଦେହ ଦଗ୍ଧ ନ ହେବାରୁ ତାଙ୍କୁ ସମୁଦ୍ର ଜଳରେ ଭସାଇ ଦେବା ପାଇଁ ଦୈବ ବାଣୀ ପାଣ୍ଡବ ମାନଙ୍କୁ ହେବାରୁ ପାଣ୍ଡବମାନେ ତାଙ୍କୁ ସମୁଦ୍ରରେ ଭସାଇଦେଲେ। ସେହି ଦେହ ଦାରୁ ରୂପରେ ସମୁଦ୍ର ତଟରେ ଭାସି ପୁରୀରେ ଆସି ଲାଗିଲା। ଇନ୍ଦ୍ରଦ୍ୟୁମ୍ନ ମହାରାଜା ସେହି ଦାରୁକୁ ମହାସମାରୋହରେ ଆଣି ନୀଳଗିରିରେ ରଖାଇଲେ। ମହାପ୍ରଭୁ ନିଜ ଇଚ୍ଛାରେ ଏହିପରି ବିଗ୍ରହ ମୂର୍ତ୍ତି ହେଲେ। ଶ୍ରୀ ଜଗନ୍ନାଥ ମନ୍ଦିରର କେତେକ ଲେଖା ଅନୁସାରେ ଶ୍ରୀ ଜଗନ୍ନାଥ ଏକା ଶବର ପୂଜିତ ଦେବତା ଥିଲେ ଏକଥା ଅନୁମିତ ହୁଏ। ସ୍ନାନଯାତ୍ରା ଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ନାଗାରେ ଦଇତାମାନଙ୍କର ଅଧିକାର। ପୁରାତନ ବିଗ୍ରହ ବିସର୍ଜନ ସମୟରେ ଦଇତାମାନଙ୍କର ଶୁଦ୍ଧିଶ୍ରାଦ୍ଧ ଦେବା ବିଧାନରୁ ଶ୍ରୀ ଜଗନ୍ନାଥ ଆର୍ଯ୍ୟ ଦେବତା ନହୋଇ ଅନାର୍ଯ୍ୟ ବା ପ୍ରାକ୍-ଆର୍ଯ୍ୟମାନଙ୍କ ଦ୍ୱାରା ପୂଜିତ ହେଉଥିବା ସନ୍ଦେହର ଅବକାଶ ନାହିଁ। ମାତ୍ର ମୂର୍ତ୍ତି ଗଠନ ପରିପ୍ରେକ୍ଷୀରେ ପ୍ରାକ୍ ବୈଦିକ କାଳରେ ମୂର୍ତ୍ତିପୂଜାର ବିଧାନ ନଥିଲେ ମଧ୍ୟ -

## ଦାରୁଦେବତା ଶ୍ରୀଜଗନ୍ନାଥ:-

ଦାରୁବ୍ରହ୍ମଙ୍କ ବିଗ୍ରହ ନିମ୍ବଦାରୁରେ ନିର୍ମିତ । ତେଣୁ ବୃକ୍ଷ ଉପାସନାର ଦୃଷ୍ଟିକୋଣ ଆଧାରରେ ନିମ୍ବଦାରୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ପରିଣତ ହୋଇଛନ୍ତି । ବୃକ୍ଷ ଉପାସନାର ନିଦର୍ଶନ ସମ୍ରାଟ ଅଶୋକଙ୍କ ଦ୍ୱାରା ପ୍ରତିଷ୍ଠିତ ଧଉଳିର ପାଷାଣସ୍ତମ୍ଭ ଶିଳାଲେଖରେ ଦେଖିବାକୁ ମିଳେ । ଏହି ଶିଳାରେ ଅଛି ଯେ ସମ୍ରାଟ ଅଶୋକ ରାସ୍ତାର ଉଭୟ ପାର୍ଶ୍ୱରେ ବର, ଶାଳ, ନିମ୍ବ, ଔଷଧି ଯୁକ୍ତ ଫଳଦାର ବୃକ୍ଷ ସହିତ ଜଳାଶୟକୁ ଖୋଳାଇଥିଲେ । ଏହି ଶିଳା ବୃକ୍ଷ ଜୈନମାନଙ୍କର ଆରାଧ୍ୟ ବସ୍ତୁ ଥିବା କଥା କେତେକ ଐତିହାସିକ କହନ୍ତି । କେବଳ ସେତିକି ନୁହେଁ, ଏପରି ମଧ୍ୟ ପୁରୀ ଜିଲ୍ଲାର ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ଖୋଦିତ କଳ୍ପବୃକ୍ଷର ଚିତ୍ର ଦେଖିବାକୁ ମିଳେ । ଏହା ହେଉଛି ଜୈନ ଧର୍ମର ବୃକ୍ଷ ଚୈତ୍ୟ ଉପାସନାର ନିଦର୍ଶନ । ବୌଦ୍ଧ ଧର୍ମରେ ମଧ୍ୟ ବୃକ୍ଷ ଉପାସନାର ନିଦର୍ଶନ ଦେଖିବାକୁ ମିଳେ । କାରଣ ବୁଦ୍ଧଦେବଙ୍କ ଜନ୍ମଠାରୁ ଆରମ୍ଭ କରି ଜ୍ଞାନପ୍ରାପ୍ତି ଓ ନିର୍ବାଣ ପର୍ଯ୍ୟନ୍ତ ଘଟଣା ବୃକ୍ଷମୂଳରେ ହୋଇଥିବାରୁ ବୌଦ୍ଧଧର୍ମାବଲମ୍ବୀମାନେ ଏହାକୁ ବୋଧିଦ୍ରୁମ ରୂପେ ଉପାସନା କରନ୍ତି । କିନ୍ତୁ ପାଲି ଜାତକରେ 'ବୃକ୍ଷଦେବତା'ଙ୍କ ନାମୋଲ୍ଲେଖ ଥିଲେ ମଧ୍ୟ ତାହା ମୂର୍ତ୍ତ ଜୀବନ୍ତ ବୃକ୍ଷ ଦେବତା ବୋଲି ବର୍ଣ୍ଣନା ଅଛି । ହିନ୍ଦୁ ଧର୍ମରେ ମଧ୍ୟ ବୃକ୍ଷ ଉପାସନା ସମ୍ବନ୍ଧରେ ନିଦର୍ଶନ ରହିଆସିଛି । ହିନ୍ଦୁ ଧର୍ମର ପୁରାତନ ଗ୍ରନ୍ଥ ଋଗ୍‌ବେଦରେ ବୃକ୍ଷ ଉପାସନା ସମ୍ବନ୍ଧରେ ଅସ୍ପଷ୍ଟ ଆଭାସ ମିଳିଲେ ମଧ୍ୟ ଉଲ୍ଲେଖ ଅଛି ଯାହା ଏପରି ଏକ ବସ୍ତୁ, ଯାହାର ସହାୟତାରେ ବିଶ୍ୱକର୍ମା ପ୍ରଥମେ ଏହି ସୃଷ୍ଟିକୁ ନିର୍ମାଣ କରିଥିଲେ । ଏହି ବୈଦିକ ସାହିତ୍ୟ ମଧ୍ୟରୁ ଅଥର୍ବ ବେଦ, ଛାନ୍ଦୋଗ୍ୟ ଉପନିଷଦ, ଶତପଥ ବ୍ରାହ୍ମଣରେ ମଧ୍ୟ ବୃକ୍ଷ ଉପାସନାର ସଂକ୍ଷିପ୍ତ ସୂଚନା ମିଳେ । ପୁରାଣ ଯୁଗରେ ଲେଖାଏଁ ସମସ୍ତ ପୁରାଣ ରଚିତ ହୋଇଛନ୍ତି ତନ୍ମଧ୍ୟରେ ମହାଭାରତ, ବ୍ରହ୍ମପୁରାଣ, ମତ୍ସ୍ୟ ପୁରାଣ, ଭବିଷ୍ୟ ପୁରାଣ, ଗରୁଡ଼ପୁରାଣ, ସ୍କନ୍ଦପୁରାଣ ଆଦିରେ ବୃକ୍ଷ ଉପାସନା ଦେଖିବାକୁ ମିଳେ । ମହାଭାରତ ସଭାପର୍ବରେ ବର୍ଣ୍ଣିତ ଅଛି, [illegible] ଦୃଷ୍ଟ । ବ୍ରହ୍ମ ପୁରାଣରେ ପୁରୁଷୋତ୍ତମ 'କଳ୍ପ ବଟବୃକ୍ଷ' ରୂପେ ପୂଜା ପାଉଥିବା କଥା ବର୍ଣ୍ଣିତ । ପୁରାଣ ସାହିତ୍ୟରେ ବୃକ୍ଷ ଉପାସନା ସମ୍ପର୍କରେ ଏଭଳି ବର୍ଣ୍ଣନା ଥିଲେ ମଧ୍ୟ କାଳକ୍ରମେ ଏହା ଓଡ଼ିଆ ସଂସ୍କୃତିକୁ ପ୍ରଭାବିତ କରିଛି ।

## ମହାପ୍ରଭୁଙ୍କ ବିଭିନ୍ନ ବେଶ

ଶ୍ରୀ ଜଗନ୍ନାଥଙ୍କ ସମ୍ବନ୍ଧରେ ମହାପ୍ରଭୁଙ୍କର ବେଶରେ ବୌଦ୍ଧ ଧର୍ମର ପ୍ରଭାବ ପରିଲକ୍ଷିତ ହୁଏ । ବିଷ୍ଣୁ ମନ୍ଦିରରେ ବୌଦ୍ଧ ପରମ୍ପରା ଅନୁସାରେ ଅନେକ ବେଶ ଓ ପର୍ବପର୍ବାଣୀ ପାଳିତ ହୋଇଥିବା ଅନୁମାନ କରାଯାଏ । ମହାପ୍ରଭୁ ସ୍ନାନ ପୂର୍ଣ୍ଣିମାରେ ହାତୀବେଶ ହୁଅନ୍ତି ହାତୀ ବେଶରେ ଗଣପତି ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଅନୁରକ୍ତି ଓ ପ୍ରଭୁଙ୍କର ତାଙ୍କ ପ୍ରତି କୃପାଭାବ ପ୍ରକାଶ ପାଉଛି । ସ୍ନାନ ପୂର୍ଣ୍ଣିମା ଜଗନ୍ନାଥଙ୍କ ଜନ୍ମଦିନ ବୋଲି କୁହାଯାଏ । ଜନ୍ମ ଦିନରେ ମହାପ୍ରଭୁ ହାତୀବେଶ ହୋଇଥିବାରୁ ଗଣପତି ସମ୍ପ୍ରଦାୟର ପ୍ରଭାବ ବେଶ ସ୍ପଷ୍ଟ ହେଉଅଛି । ଶାକ୍ତ ପୂଜିତ (ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ବିଜୟା ଦଶମୀ) ଅବସରରେ ମହାପ୍ରଭୁ ମାଧବ ରୂପରେ ବିମଳା ମନ୍ଦିରରେ ଦୁର୍ଗାଙ୍କ ସହିତ ୮ ଦିନ ଅବସ୍ଥାନ କରିବା ପରେ ଅଷ୍ଟମଦିନ ଭୋଳମଣ୍ଡପ ସହିତ ନାରାୟଣୀ ମନ୍ଦିରରେ ଉପବେଶନ କରନ୍ତି । ନାରାୟଣୀ ମଣ୍ଡପ ଶାକ୍ତ ପୂଜିତାର ପୂଜିତା ରୂପେ ଗଣାଯାଉଥିବାରୁ ମହାପ୍ରଭୁ ଶ୍ରୀମନ୍ଦିରରେ ବିଜେ କରି ଦୁର୍ଗାଙ୍କ ସହିତ ନାରାୟଣୀଙ୍କ ମଣ୍ଡପ ବା ପୂଜିତା ଘରକୁ ଯାଆନ୍ତି । ବିଜୟା ଦଶମୀରେ ଅପୂର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ମହାପ୍ରଭୁ ରାଜବେଶ ହୁଅନ୍ତି । ବିଜୟା ଦଶମୀର ରାଜା ବେଶରେ କଳିଙ୍ଗର ଦିଗବିଜୟ ଓ ରାଜାଧିରାଜ ପରିଚୟ ଜଗତଙ୍କୁ ପ୍ରଦର୍ଶନ କରନ୍ତି । ଯେଉଁ ଦିନ ମାଘ ଶୁକ୍ଳ ସପ୍ତମୀରେ ଶ୍ରୀମନ୍ଦିରରେ ସୌର ପୂଜିତା ପାଳିତ କରାଯାଏ । ଏହି ଦିନ ସୂର୍ଯ୍ୟ ମନ୍ଦିରରେ ଥିବା ସୂର୍ଯ୍ୟ ବିଗ୍ରହଙ୍କୁ ମଣି ସେଜାରେ ଉପବେଶନ କରାଯାଏ ଏହି ମହାପ୍ରଭୁଙ୍କର ମଧ୍ୟ ବିଷ୍ଣୁପୂଜା ଓ ଭୋଗ କରାଯାଏ । ଶିବ ବିବାହ ଓ ଶୀତଳ ଷଷ୍ଠୀ ମଧ୍ୟ ଶ୍ରୀମନ୍ଦିରରେ ପାଳିତ ହୁଏ । ଶୀତଳ ଷଷ୍ଠୀ ଦିନ ଶ୍ରୀ ଲୋକନାଥ ଓ ପାର୍ବତୀଙ୍କୁ ଶ୍ରୀମନ୍ଦିରରେ ସ୍ୱାଗତ କରାଯାଏ ଏବଂ ଲକ୍ଷ୍ମୀଙ୍କ ଅନୁମୋଦନରେ ବିବାହ କରାଯାଏ । ଶୈବ ଓ ବୈଷ୍ଣବ ସମ୍ପ୍ରଦାୟର ସମନ୍ୱୟ ଭାବନା ନିଦର୍ଶନ ହିସାବରେ ଏହା ଜଣାଯାଏ ।

ଶ୍ରୀ ଜଗନ୍ନାଥଙ୍କ ବେଶଗୁଡିକ କୃଷ୍ଣସମ୍ପର୍କିତ, ରାମସମ୍ପର୍କିତ ଓ ନୃସିଂହ ସମ୍ପର୍କିତ ବେଶ ହେଲେ ମଧ୍ୟ କୃଷ୍ଣ ସମ୍ପର୍କିତ ବେଶ ସଂଖ୍ୟାରେ ଅଧିକ ।

<u>କୃଷ୍ଣ ସମ୍ପର୍କିତ ବେଶମାନ ହେଲା</u> :- ବନଭୋଜି ବେଶ, କାଳିୟ ଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, ରାମ ବଳରାମ ବେଶ, ବଳିବାମନ ବେଶ, ରାଧାଦାମୋଦର ବେଶ, ତ୍ରିବିକ୍ରମ ବେଶ, ନାଗ ଦୁତ ବେଶ, ନବାଙ୍କ ବେଶ, ପଦ୍ମ ବେଶ, ଗଜଉଦ୍ଧାର ବେଶ, ଚାଚେରୀ-ବେଶ, କୁଞ୍ଜୁଳା ବେଶ, ରାଜବେଶ (ଦୋଳପୂର୍ଣ୍ଣିମା) ପ୍ରଭୃତି ।

ଶ୍ରୀରାମ ସମ୍ପର୍କିତ ବେଶମାନ ହେଲା :- ପୁଷ୍ୟାଭିଷେକ ରାଜବେଶ (ରାମ ରାଜା ବେଶ), ରାମ ରାଜା ବେଶ (ରାମ ନବମୀ), ଶ୍ରାଦ୍ଧବେଶ (ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ), ପର୍ଶୁରାମ ବେଶ (ନାଗାର୍ଜୁନ ବେଶ)।

ନୃସିଂହ ବେଶମାନ ହେଲା :- ପାଟକିଆ ବେଶ।

ଋତୁ ଅନୁସାରେ ବେଶ :- ଋତୁ ଅନୁସାରେ ମହାପ୍ରଭୁଙ୍କୁ ମଧ୍ୟ ବିଭିନ୍ନ ବେଶରେ ସଜାଯାଏ। ଖରା ସମୟରେ ଚନ୍ଦନ ବେଶ, ଅଣସର ପରେ ନବଯୌବନ ବେଶ, ଶୀତ ସମୟରେ ଘୋଡ଼ଲାଗି ବେଶ, ଆଉ ଶୀତ ସମୟରେ ଜାମାଲାଗି ବେଶ କରାଯାଏ।

ସୁନାବେଶ :-

ଶ୍ରୀ ଜଗନ୍ନାଥ ବର୍ଷକୁ ୫ ଥର ରାଜବେଶ ହୁଅନ୍ତି। ଏଥି ଭିତରେ ସୁନାବେଶ (ଆଷାଢ଼ ଶୁକ୍ଳ ଏକାଦଶୀ) ସର୍ବ ପ୍ରଧାନ ଓ ସର୍ବଜନବିଦିତ। ଏହି ଦିନ ସୁନାବେଶରେ ମହାପ୍ରଭୁ ସୁବର୍ଣ୍ଣ ନିର୍ମିତ ହସ୍ତପାଦ ଲାଗି ହୋଇ ଏକ ଅପୂର୍ବ ଶୋଭାର ପସରା ଖେଳାଇଥାନ୍ତି। ପୌଷ ପୂର୍ଣ୍ଣିମା ଦିନ ପୁଷ୍ୟାଭିଷେକ ଅର୍ଥାତ୍ ରାଜା ରାମ ଭାବରେ ମହାପ୍ରଭୁ ସୁବର୍ଣ୍ଣ ବେଶ ହୁଅନ୍ତି। ଦୋଳ ପୂର୍ଣ୍ଣିମା ଦିନ ମହାପ୍ରଭୁ ସୁବର୍ଣ୍ଣ ବେଶ ହୁଅନ୍ତି।

ଶ୍ରାଦ୍ଧ ବେଶ :-

ମହାପ୍ରଭୁ ଲୋକମାନଙ୍କୁ ଶିକ୍ଷାଦେବା ପାଇଁ ନିଜର ପିତୃପୁରୁଷଙ୍କ ଶ୍ରାଦ୍ଧ ଦେବା ନିମନ୍ତେ ଶ୍ରାଦ୍ଧବେଶ ହୁଅନ୍ତି। ମହାପ୍ରଭୁ ତିନି ଦିନ ଶ୍ରାଦ୍ଧ ବେଶ ହୁଅନ୍ତି। ଏହି ଶ୍ରାଦ୍ଧ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଆରମ୍ଭ ହୋଇ ଅମାବାସ୍ୟା ଓ ପ୍ରତିପଦାରେ ସରେ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀରେ କଶ୍ୟପ ଓ ଅଦିତିଙ୍କୁ, ଅମାବାସ୍ୟାରେ ଦଶରଥ କୌଶଲ୍ୟାଙ୍କୁ (ରାମାବତାର ରାମ ଭାବରେ) ଓ ପ୍ରତିପଦାରେ ଦେବକୀ ବସୁଦେବ ଓ ନନ୍ଦ ଯଶୋଦାଙ୍କୁ ଶ୍ରାଦ୍ଧ ଦିଅନ୍ତି କୃଷ୍ଣ ଭାବରେ।

ପ୍ରତିଦିନ ମହାପ୍ରଭୁ ମଙ୍ଗଳ ଆଳତି ବେଳେ ସ୍ନାନବେଶ, ସ୍ନାନପରେ ସାଧା ବେଶ, ସନ୍ଧ୍ୟାରେ ଚନ୍ଦନଲାଗି ବେଶ ଓ ରାତ୍ରରେ ବଡ଼ଶିଙ୍ଗାର ବେଶ ହୁଅନ୍ତି। ରାତିରେ ଶୋଇବାକୁ ଯିବା ବେଳେ ଗୀତ ଗୋବିନ୍ଦ ପଦାବଳୀ ଖଚିତ ପାଟ ଓଢ଼ଣୀ ପିନ୍ଧି ଶୁଅନ୍ତି। ଶୟନ କାଳରେ ମହାପ୍ରଭୁଙ୍କୁ ଫୁଲର ବେଶ କରାଯାଏ। ଏହି ବେଶକୁ ବଡ଼ ଶିଙ୍ଗାର ବେଶ କୁହାଯାଏ।

ମହାପ୍ରଭୁଙ୍କର ବିଭିନ୍ନ ବେଶ :-

ବଡସିଂହାର :- ପ୍ରତିଦିନ ରାତିରେ ମହାପ୍ରଭୁ ବଡସିଂହାର ବେଶ ହୁଅନ୍ତି ।

ବୈଶାଖ :- ଚନ୍ଦନ ବେଶ ଅକ୍ଷୟ ତୃତୀୟାରୁ ୨୧ ଦିନ ପର୍ଯ୍ୟନ୍ତ ମହାପ୍ରଭୁ ହୋଇଥାନ୍ତି ।

ଜ୍ୟେଷ୍ଠ :- ଶୁକ୍ଳ ପୂର୍ଣ୍ଣିମା ରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହାତୀ ବେଶ ହୁଅନ୍ତି ।

ଆଷାଢ଼ :- ନବଯୌବନ ବେଶ ଅଣସର ପରେ ହୁଅନ୍ତି । ସୁନାବେଶ (ଆଷାଢ଼ ଶୁକ୍ଳ -ଏକାଦଶୀ), ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ଫାଲ୍ଗୁନ ପୂର୍ଣ୍ଣିମାରେ ମହାପ୍ରଭୁ ସୁନା ବେଶ ହୁଅନ୍ତି ଓ ପୌଷ ପୂର୍ଣ୍ଣିମାରେ ରାଜାଧିରାଜ ଆଦି ୫ ସୁନାବେଶ ହୁଅନ୍ତି ।

ଶ୍ରାବଣ :- ଚିତାଲାଗି ବେଶ ମହାପ୍ରଭୁ ଶ୍ରାବଣ ଅମାବାସ୍ୟାରେ ହୋଇଥାନ୍ତି ।

ଭାଦ୍ରବ :- ରାହୁରେଖା ଲାଗି (କୃଷ୍ଣାଷ୍ଟମୀ), ବନଭୋଜି ବେଶ (କୃଷ୍ଣ ଦଶମୀ), ପ୍ରଲମ୍ବାସୁର ବଧ ବେଶ (କୃଷ୍ଣ ଦ୍ୱାଦଶୀ), କାଳିୟଦଳନ ବେଶ (କୃଷ୍ଣ ଏକାଦଶୀ), ବଣିଆଗଳି ବେଶ (କୃଷ୍ଣ ଚତୁର୍ଦ୍ଦଶୀ), କୃଷ୍ଣବଳରାମ ବେଶ (କୃଷ୍ଣ ତ୍ରୟୋଦଶୀ),

ଆଶ୍ୱିନ :- ବିଜୟା ଦଶମୀ ରାଜବେଶ ଶ୍ରୀ ଜଗନ୍ନାଥ ଧାରଣ କରିଥାନ୍ତି ।

କାର୍ତ୍ତିକ :- ରାଧାଦାମୋଦର ବେଶ (ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ), ଲକ୍ଷ୍ମୀ ନାରାୟଣ ବେଶ, ଏକାଦଶୀ, ଲକ୍ଷ୍ମୀ ନୃସିଂହ ବେଶ, (ଶୁକ୍ଳ ଚତୁର୍ଦ୍ଦଶୀ), ବାଙ୍କି ଚୂଡ ବେଶ (ଶୁକ୍ଳ ଦ୍ୱାଦଶୀ), ତ୍ରିବିକ୍ରମ ବେଶ ବା ନାଗାର୍ଜୁନ ବେଶ (କାର୍ତ୍ତିକ ପଞ୍ଚୁକ ୬ ଦିନ), ରାଜାରାଜେଶ୍ୱର ବେଶ (କାର୍ତ୍ତିକ ପୂର୍ଣ୍ଣିମା)

ମାର୍ଗଶିର :- ଶ୍ରାଦ୍ଧବେଶ (ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା)

ଘୋଡଲାଗିବେଶ (ମାର୍ଗଶିର ଶୁକ୍ଳ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ)

ମହାପ୍ରଭୁ ଜଗନ୍ନାଥ ୧୨ ବେଶରେ ସଜିତ ହୋଇଥାନ୍ତି ।

<u>ପୌଷ</u> :- ପୁଷ୍ୟାଭିଷେକ ବେଶ ମହାପ୍ରଭୁ ପୌଷ ପୂର୍ଣ୍ଣିମାରେ ହୋଇଥାନ୍ତି ।

<u>ମାଘ</u> :- ପଦ୍ମବେଶ ( ଶୁକ୍ଳ ଦ୍ୱିତୀୟା ) , ଗଜଉଦ୍ଧାରଣ ବେଶ ( ମାଘ ପୂର୍ଣ୍ଣିମା ) ,
ନବାଙ୍କ ବେଶ ( ମକର ସଂକ୍ରାନ୍ତି ପୂର୍ବଦିନ ) , ମକର ବେଶ ( ମକର ସଂକ୍ରାନ୍ତି ) ।
ଇତ୍ୟାଦି ବେଶ ମାନ ଧାରଣ କରିଥାନ୍ତି ।

<u>ଫାଲ୍ଗୁନ</u> :- ଚାଚେରୀ ବେଶ ( ଶୁକ୍ଳ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ) ।
ସୁନାବେଶ ( ଫାଲ୍ଗୁନ ପୂର୍ଣ୍ଣିମା ) ।
ମହାପ୍ରଭୁ ଏହି ବେଶମାନ ଧାରଣ କରିଥାନ୍ତି ।

<u>ଚୈତ୍ର</u> :- ରାମରାଜା ବେଶ ( ରାମନବମୀ ) ରେ ଶ୍ରୀ ଜଗନ୍ନାଥ ଧାରଣ କରିଥାନ୍ତି ।

<u>ଠାକୁର ମାନଙ୍କର ବସ୍ତ୍ର</u> :-

① <u>ନୀଳ ଗୋଇଁଠି ପଟ୍ଟୁଆ</u> :- ୧୨ ହାତ ଲମ୍ବ ନାଲି ସିଲ୍କ ଲୁଗାରେ ନୀଳ
ଗୋଇଁଠି ବୁଣାଯାଇଥାଏ । ଏହା ଅବସିଂହାର ବେଶରେ ଲାଗେ ।

② <u>ମଲମଲ</u> :- ଧଳା ସିଲ୍କ ଲୁଗା ଅଡପ ସମୟରେ ମହାପ୍ରଭୁଙ୍କର ଲାଗେ ।
ଦରକାର ପଡ଼େ । ଏହାର ଲମ୍ବ ୧୨ ଫୁଟ
③ <u>ତଡପ</u> :- ଶ୍ରୀ ଜଗନ୍ନାଥ ସ୍ନାନ ସମୟରେ
ଓସାର ୪ ଫୁଟ । ଏହି ଲୁଗା ସୂତାଲୁଗା , କଳା ଓ ଧଳା ମିଶା ରଙ୍ଗର ।

④ <u>ଉତ୍ତରୀ</u> :- ମହାପ୍ରଭୁଙ୍କ ଉତ୍ତରୀ ୨୪ ଫୁଟ ଲମ୍ବର ସିଲ୍କ ଲୁଗା ଚାଦର
ଭଳି ବ୍ୟବହାର ହୁଏ ।

⑤ <u>ଫୁଲଧରୀ ଲୋଡ</u> :- ୧୨ ଫୁଟ ଲମ୍ବ ଓ ୩ ଫୁଟ ଓସାରର ସିଲ୍କ ଲୁଗା
ମହାପ୍ରଭୁ କଟି ଭାଗରେ ପିନ୍ଧନ୍ତି ।

(୬) <u>ବେଣୀକାଛା</u>:- କାର୍ତ୍ତିକ ଦଶମୀଠାରୁ ରାସପୂର୍ଣ୍ଣିମା ପର୍ଯ୍ୟନ୍ତ ୧୮ ଫୁଟ ଲମ୍ବ ଓ ୪ ଫୁଟ ଓସାରର ଲୁଗା ଦିଆଯାଏ। ଏହି ଲୁଗାରେ ଧଳିଆ ପାଡି ଥିବା ଲୁଗା ଜଗନ୍ନାଥଙ୍କୁ, ନାଲି ପାଡିରେ ସୁଭଦ୍ରାଙ୍କୁ ଓ କଳା ପାଡିର ବଳଭଦ୍ରଙ୍କୁ ଦିଆଯାଏ।

(୭) <u>ଚିଟେମଣି</u>:- ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ବ୍ୟବହୃତ ହୁଏ।

(୮) <u>ଖଣ୍ଟଜରୀ</u>:- ଶ୍ରୀ ଜଗନ୍ନାଥଙ୍କ ମୁଖ୍ୟ ଲୁଗା ଖଣ୍ଟଜରୀ ହୋଇଥାଏ। ଏହା ନିଳଚକ୍ରରେ ତିଆରି ୧୨ ମିଟର ଲମ୍ବ।

(୯) <u>ବଉଳ ପାଟ</u>:- ଏହି ଲୁଗା ଜଗନ୍ନାଥଙ୍କୁ ରୁକ୍ମିଣୀ ବିବାହ ସମୟରେ ଦିଆଯାଏ।

(୧୦) <u>ଚେଉଁତୁଣ୍ଡା</u>:- ଏହି ଲୁଗା ୨୪ ଫୁଟ ଲମ୍ବ ଓ ୪ ଫୁଟ ଓସାର ଲୁଗା। ଏହି ଲୁଗା ମହାପ୍ରଭୁଙ୍କ ଚାନ୍ଦିବେଳେ ବ୍ୟବହାର ହୁଏ।

<u>ଘୋଡ ଲାଗି</u>:-
ମହାପ୍ରଭୁ ସପ୍ତାହର ଭିନ୍ନ ବାରରେ ଭିନ୍ନ ରଙ୍ଗର ଘୋଡ ପିନ୍ଧିଥାନ୍ତି।

ରବିବାର ଦିନ - ଲାଲ୍ ରଙ୍ଗର ଘୋଡ ଶ୍ରୀ ଜଗନ୍ନାଥଙ୍କୁ ଦିଆଯାଇଥାଏ।
ସୋମବାର ଦିନ - କଳା ଛିଟା ମିଶା ଶୁକ୍ଳ ଘୋଡ ପିନ୍ଧିଥାନ୍ତି।
ମଙ୍ଗଳବାର ଦିନ - ପାଞ୍ଚରଙ୍ଗ ଘୋଡ ମହାପ୍ରଭୁ ପିନ୍ଧିଥାନ୍ତି।
ବୁଧବାର ଦିନ - ନୀଳ ରଙ୍ଗର ଘୋଡ ଦିଆଯାଏ।
ଗୁରୁବାର ଦିନ - ବସନ୍ତି ରଙ୍ଗର ଘୋଡ ପିନ୍ଧିଥାନ୍ତି।
ଶୁକ୍ରବାର ଦିନ - ଶୁକ୍ଳ ରଙ୍ଗର ଘୋଡ ମହାପ୍ରଭୁ ପିନ୍ଧିଥାନ୍ତି।
ଶନିବାର ଦିନ - କଳା ରଙ୍ଗର ଘୋଡ ଶ୍ରୀ ଜଗନ୍ନାଥଙ୍କୁ ଦିଆଯାଏ।

# ମହାପ୍ରଭୁଙ୍କର ବିବିଧ ଯାତ୍ରା ।

ଶ୍ରୀକ୍ଷେତ୍ରରେ ବାରମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଜଗନ୍ନାଥ ଜଗତର ନାଥ । ସେ ପରମ ଆରାଧ୍ୟ ଦେବତା । ମହାପ୍ରଭୁଙ୍କୁ ଭିନ୍ନ ବେଶ ରୂପରେ ସଜାଯାଇଛି । ତାଙ୍କୁ ଯେଉଁ ଭଳି ରୂପରେ ଡାକେ ତାଙ୍କର ଦର୍ଶନ ଲାଭ କରନ୍ତି । ଯେତେବେଳେ ଭକ୍ତ ତାଙ୍କୁ ସ୍ନାନ ରୂପରେ ଚାହିଁଛନ୍ତି ସେତେବେଳେ ସ୍ନାନ ରୂପେ ଦେଖନ୍ତି । ଶ୍ରୀ ଜଗନ୍ନାଥଙ୍କର ପ୍ରସିଦ୍ଧ ଯାତ୍ରା ରଥଯାତ୍ରା । ଶ୍ରୀ ଜଗନ୍ନାଥ ବିବିଧ ବେଶ ଭଳି ବିବିଧ ଯାତ୍ରା ଦେଖିବାକୁ ମିଳିଥାଏ ଶ୍ରୀକ୍ଷେତ୍ରରେ । ଶ୍ରୀ ଜଗନ୍ନାଥ କ୍ଷେତ୍ରକୁ ଅନେକ ନାମକରଣ କରାଯାଇଛି । ସେଗୁଡିକ ହେଲା - ପୁରୁଷୋତ୍ତମ କ୍ଷେତ୍ର, ଦଶାବତାର କ୍ଷେତ୍ର, ହୋମକ୍ଷେତ୍ର, ଦିବ୍ୟକ୍ଷେତ୍ର, ଶଙ୍ଖକ୍ଷେତ୍ର, ଶ୍ରୀକ୍ଷେତ୍ର ଓ ପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ ହୋଇଥାଏ । ଏହି କ୍ଷେତ୍ରକୁ ତିନି ଦିଗରୁ ବେଢ଼ି ରହିଥିବାରୁ ଏହା ଆକାରରେ ଶଙ୍ଖ ସଦୃଶ ହେତୁ ଏହାକୁ ଶଙ୍ଖ କ୍ଷେତ୍ର କୁହାଯାଏ । ବେଶ ମଧ୍ୟରେ ମହାପ୍ରଭୁଙ୍କର ଗଜଉଦ୍ଧାରଣ ବେଶ, ବନଭୋଜି ବେଶ, ସୁନାବେଶ । ମହାପ୍ରଭୁ ବିଭିନ୍ନ ପ୍ରକାର ଓ ସୁନ୍ଦର ସୁନ୍ଦର ବେଶ, ନାଗାର୍ଜୁନ ବେଶାଦି ଶୃଙ୍ଗାରରେ ଅପୂର୍ବ ଶୋଭାରେ ମଣ୍ଡିତ ହୁଅନ୍ତି । ଶ୍ରୀମନ୍ଦିରରେ ନିତ୍ୟ ନୀତି ଓ ନାନା ଯାତ୍ରା ମଧ୍ୟ ଶ୍ରୀମନ୍ଦିରରେ ପାଳନ କରାଯାଏ । ଶ୍ରୀ ଜଗନ୍ନାଥ ଜଗତର ନାଥ ମହାପ୍ରଭୁ ସମସ୍ତ ଭକ୍ତଙ୍କ ମନ ଜାଣି ଦର୍ଶନ ଦେଇଥାନ୍ତି । ଯେତେବେଳେ ଦାସିଆ ବାଉରୀର ନଡ଼ିଆ ହାତ ବଢ଼ାଇ ନେଇଥିଲେ । ଭକ୍ତ ବଳରାମ ଦାସଙ୍କ ଡାକରେ ବାଧ୍ୟ ହୋଇ ଏଡ଼େବଡ଼ର ନନ୍ଦିଘୋଷ ଛାଡ଼ି ଚାଲିଯାଇଥିଲେ ତାଙ୍କ ମୁହାଣର ବାଲି ରଥକୁ । ଶ୍ରୀ ଜଗନ୍ନାଥ ସ୍ନାନ ଯାତ୍ରା ପରେ ତିନି ଠାକୁରଙ୍କୁ ଜ୍ୱର ହୋଇଥାଏ । ସେମାନେ ଅଣ-ସର ଘରେ ରହିଥାନ୍ତି । ଦଇତାପତିମାନେ ଶ୍ରୀ ଜଗନ୍ନାଥଙ୍କୁ ନିଜର ସନ୍ତାନ ଭଳି ସେବା କରିବା ଆରମ୍ଭ କରି ନବକଳେବର ବେଳେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନରେ ଶୁଦ୍ଧିକ୍ରିୟା ଠାରୁ ସମସ୍ତ କର୍ମ କରନ୍ତି । ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଗଜପତି ଶ୍ରୀ ଜଗନ୍ନାଥଙ୍କ ସେବକ ବୋଲି ମନେ କରି ରଥରେ ଛେରାପହଁରା କରନ୍ତି । ଶ୍ରୀ ଜଗନ୍ନା ଶ୍ରୀ ଜଗନ୍ନାଥଙ୍କ ଭକ୍ତ ବତ୍ସଳ ହୋଇଥାନ୍ତି । ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସର୍ବଶ୍ରେଷ୍ଠ ଯାତ୍ରା ।

## ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା :-

ଶ୍ରୀ ଜଗନ୍ନାଥ ମନ୍ଦିରରେ ବାରମାସରେ ତେର ଯାତ୍ରା ହୋଇଥାଏ ।
ସେଗୁଡିକ ହେଲା -

(୧) ସ୍ନାନ ଯାତ୍ରା - ଜ୍ୟେଷ୍ଠ ପୂର୍ଣ୍ଣିମା ।

(୨) ଶ୍ରୀଗୁଣ୍ଡିଚା - ଆଷାଢ଼ ଶୁକ୍ଳ ଦ୍ୱିତୀୟା ।

(୩) ଦେବଶୟନ ଯାତ୍ରା - ଆଷାଢ଼ ଶୁକ୍ଳ ଏକାଦଶୀ ।

(୪) ଦକ୍ଷିଣାୟନ ଯାତ୍ରା - ଦକ୍ଷିଣାୟନ ସଂକ୍ରାନ୍ତି ।

(୫) ପାର୍ଶ୍ୱ ପରିବର୍ତ୍ତନ - ଭାଦ୍ରବ ଶୁକ୍ଳ ଏକାଦଶୀ ।

(୬) ଦେବୋତ୍ଥାପନ - କାର୍ତ୍ତିକ ଶୁକ୍ଳ ଏକାଦଶୀ ।

(୭) ପ୍ରାବରଣ ଯାତ୍ରା (ଘୋଡ଼ଲାଗି) - ମାର୍ଗଶୀର ଶୁକ୍ଳ ଷଷ୍ଠୀ ।

(୮) ପୁଷ୍ୟାଭିଷେକ - ପୌଷ ପୂର୍ଣ୍ଣିମା ।

(୯) ଉତ୍ତରାୟଣ - ମକର ସଂକ୍ରାନ୍ତି ।

(୧୦) ଦୋଳ ଉତ୍ସବ - ଦୋଳ ପୂର୍ଣ୍ଣିମା ।

(୧୧) ଦମନକ ଚୋରି ଉତ୍ସବ - ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ।

(୧୨) ଚନ୍ଦନ - ବୈଶାଖ ଶୁକ୍ଳ ତୃତୀୟା ୨୧ ଦିନ ବାହାର ଚନ୍ଦନ ଓ ତା'ପରେ ୨୧ ଦିନ ଭିତରେ ଚନ୍ଦନ ।

(୧୩) ନୀଳାଦ୍ରି ମହୋଦୟ - ବୈଶାଖ ଶୁକ୍ଳ ଅଷ୍ଟମୀ ।

ଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସର୍ବଶ୍ରେଷ୍ଠ ଯାତ୍ରା ।

ସ୍ନାନଯାତ୍ରା :-

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳିତ ହୁଏ । ଏହି ଦିନ ମହାପ୍ରଭୁ ରତ୍ନସିଂହାସନରୁ ଆସି ପହଣ୍ଡି ହୋଇ ଶ୍ରୀମନ୍ଦିରର ଆନନ୍ଦ ବଜାର ମଧ୍ୟରେ ଥିବା ସ୍ନାନ ମଣ୍ଡପରେ ବିଜେ କରନ୍ତି । ସ୍ନାନ ନିମନ୍ତେ ମନ୍ଦିରର ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ଥିବା ସୁନାକୂଅରୁ ୧୦୮ କଳସ ଜଳରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ସ୍ନାନ କରିଥାନ୍ତି । ସ୍ନାନ ବିଧାନ ପରେ ଗୋପାଳ ତୀର୍ଥ ମଠରୁ ବଳଭଦ୍ରଙ୍କର ଓ ରାଘବ ଦାସ ମଠରୁ ଶ୍ରୀ ଜଗନ୍ନାଥଙ୍କ ଓ ସୁଭଦ୍ରାଙ୍କ ନିମନ୍ତେ ହାତୀବେଶର ଉପକରଣ ଯୋଗାଇ ମହାପ୍ରଭୁଙ୍କୁ ହାତୀବେଶ କରାଯାଏ । ଏହି ବେଶକୁ ଗଣେଶ ବେଶ ବୋଲି ମଧ୍ୟ କହନ୍ତି ।

ଅଣସର :-

ଅଣସର ନୀତି ଜ୍ୟେଷ୍ଠ ପୂର୍ଣ୍ଣିମା ପରଠାରୁ ଆଷାଢ଼ ମାସ ଅମାବାସ୍ୟା ପର୍ଯ୍ୟନ୍ତ ହୁଏ । ଏହି ସମୟରେ ଠାକୁରମାନଙ୍କୁ କେହି ଦର୍ଶନ କରିପାରନ୍ତି ନାହିଁ । ଠାକୁରମାନେ ଏହି ସମୟରେ ଠାକୁରମାନଙ୍କୁ କେହି ଦର୍ଶନ କରିପାରନ୍ତି ନାହିଁ । ଠାକୁରମାନେ ଏହି ସମୟରେ ଅସୁସ୍ଥ ଥାଆନ୍ତି । ମନ୍ଦିରର ଉତ୍ତର ଦ୍ୱାର ନିକଟସ୍ଥ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ଥିବା ଅଣସର ୧୫ ଦିନ ମଧ୍ୟରେ ଜ୍ୟେଷ୍ଠ କୃଷ୍ଣ, ପଞ୍ଚମୀରେ ଫୁଲୁରି ଲାଗି, ଦଶମୀରେ ଚକାବିଜେ, ଏକାଦଶୀ ଖଳିଲାଗି, ଦ୍ୱାଦଶୀରେ ରାଜ ପ୍ରସାଦ ଲାଗି, ଅମାବାସ୍ୟାରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପାଳନ କରାଯାଏ । ଏହି ଅମାବା-ସ୍ୟା ଦିନ ଠାକୁରମାନଙ୍କୁ ଦର୍ଶନ କରିବାରେ ସୁଯୋଗ ମିଳେ । ତା'ପରେ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟାରେ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ଆୟୋଜନ ହୁଏ । ଅଣସର ସମୟରେ ଦଇତାପତିମାନେ ମହାପ୍ରଭୁଙ୍କୁ ନିଜର ଆୟତ୍ତରେ ପୂଜନ କରି ସେବାକରି ଥାନ୍ତି । ଅଣସର ରେ ୧୫ ଦିନ ପରେ ନେତ୍ରୋତ୍ସବ ହୋଇଥାଏ । ଅଣସର ପରେ ... ପାଇଁ ଆୟୋଜନ ହୋଇଥାଏ ।
ଏଣୁ ଆଜି ମହାପ୍ରଭୁ ରଥଯାତ୍ରାରେ ପାଇଁ ଆୟୋଜନ ହୋଇଥାଏ ।

ଶ୍ରୀ ଗୁଣ୍ଡିଚା :-

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ମହାପ୍ରଭୁଙ୍କର ଶ୍ରୀ ଗୁଣ୍ଡିଚା ମହୋତ୍ସବ ବା ରଥଯାତ୍ରା ପାଳନ କରାଯାଏ । ଏହି ରଥଯାତ୍ରା ନିମନ୍ତେ ତିନୋଟି ରଥର ନିର୍ମାଣ କାର୍ଯ୍ୟ ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥାଏ । ରଥଯାତ୍ରା ଦିନ ଠାକୁରମାନେ ପାହି ପହଣ୍ଡି ହୋଇ ପ୍ରଥମେ ସୁଦର୍ଶନ ତାପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ରଥକୁ ବିଜେ କରନ୍ତି । ଗଜପତି ମହାରାଜ ଛେରାପହଁରା କାର୍ଯ୍ୟ ସାରିବା ପରେ ପ୍ରଥମେ ବଳରାମ ତାପରେ ସୁଭଦ୍ରା ଓ ଜଗନ୍ନାଥଙ୍କର ରଥକୁ ଟାଣି ଟାଣି ଗୁଣ୍ଡିଚା ଘରକୁ ନିଆଯାଏ । ମହାପ୍ରଭୁ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ଘରେ ରହି ଦଶମୀଦିନ ବାହୁଡ଼ା ବିଜେ କରନ୍ତି । ଗୁଣ୍ଡିଚା ଘରେ ଠାକୁରମାନେ ଥିବା ସମୟରେ ଆଷାଢ଼ ମାସ ଶୁକ୍ଳ ପଞ୍ଚମୀଦିନ 'ହେରା ପଞ୍ଚମୀ' । ସପ୍ତମୀ ଠାରୁ ନବମୀ ପର୍ଯ୍ୟନ୍ତ ଆଡପ ମଣ୍ଡପ ଦର୍ଶନ, ନବମୀଦିନ ସନ୍ଧ୍ୟାଦର୍ଶନ ଆଦି ନୀତି ହୁଏ । ଦଶମୀ ଦିନ ଠାକୁରମାନେ ପହଣ୍ଡି ବିଜେ କରି ରଥ ଉପରେ ଶ୍ରୀମନ୍ଦିରକୁ ଫେରନ୍ତି । ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ । ଏହିଦିନ ଜଗନ୍ନାଥଙ୍କ ରଥ ଶ୍ରୀ ନଅର ପାଖରେ ପହଞ୍ଚିଲେ ଲକ୍ଷ୍ମୀ ନାରାୟଣ ଭେଟ ହୁଏ ।

ଶୟନ ଏକାଦଶୀ :-

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହୁଏ । ଠାକୁରଙ୍କର ଅଧରପଣା ଭୋଗ ଓ ଶୟନ ନୀତି ମଧ୍ୟ ହୁଏ । ଠାକୁରଙ୍କର ଶୟନ ନୀତି ନିମନ୍ତେ ଠାକୁରମାନେ ପହଣ୍ଡି ବିଜେ ହୋଇ ରତ୍ନ ସିଂହାସନକୁ ବିଜେ କରନ୍ତି । ଲକ୍ଷ୍ମୀ ନାରାୟଣ ଶ୍ରୀନୀଳା ଓ ଚଉଁରାଳି ବିଜେ ନୀତି ମଧ୍ୟ ହୁଏ । ଦ୍ୱାଦଶୀ ଗରୁଡ଼ ଶୟନ ଦ୍ୱାଦଶୀ ରୂପେ ନାମିତ । ଏହି ଦିନ ଗରୁଡ଼ଙ୍କର ଶୟନ ନୀତି ହୁଏ ।

ଦକ୍ଷିଣାୟନ :-

ଶ୍ରାବଣ ମାସ ସଂକ୍ରାନ୍ତି ବା କର୍କଟ ସଂକ୍ରାନ୍ତି ଦିନ ମହାପ୍ରଭୁଙ୍କର ଦକ୍ଷିଣାୟନ ଯାତ୍ରା ପାଳନ ହୁଏ । ସୂର୍ଯ୍ୟ ଉପାସନାର ପ୍ରଭାବରେ ଏହି ଯାତ୍ରା ପାଳିତ ହୋଇଥିବା ମନେ ହୁଏ । ବିଶେଷ ନୈବେଦ୍ୟାଦି ସହ ଦକ୍ଷିଣାୟନ ଗାମୀ ସୂର୍ଯ୍ୟ ରୂପେ ମହାପ୍ରଭୁଙ୍କୁ ଉପାସନା କରାଯାଏ । ଦେବଙ୍କ ବୈଦିକ ନିୟମ ଅନୁଯାୟୀ ଏହିଦିନ ପରେ ମହାପ୍ରଭୁ ଦେବତାମାନଙ୍କର ଶୟନ ହୋଇଥାଏ ।

ଚିତାଲାଗି ଅମାବାସ୍ୟା :-

ଶ୍ରାବଣ ମାସ ଅମାବାସ୍ୟା ଦିନ ମହାପ୍ରଭୁଙ୍କର ଚିତାଲାଗି ନୀତି ପାଳିତ କରାଯାଏ । ଜ୍ୟେଷ୍ଠମାସ ପୂର୍ଣ୍ଣିମା ଦେବସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କର ହୀରାଚିତା, ବଳଭଦ୍ରଙ୍କର ନୀଳଚିତା, ଓ ସୁଭଦ୍ରାଙ୍କର ମାଣିକ୍ୟ ଚିତା ବାହାର କରାଯାଇ ଭଣ୍ଡାର ଘରେ ରଖାଯାଇଥାଏ । ଏହିଦିନ ମଧ୍ୟାହ୍ନ ଧୂପ ପୂର୍ବରୁ ଠାକୁରଙ୍କ ଚିତାକୁ ନିଧିଭୂଷିକ ଲଗାଯାଇଥିବାରୁ ଏହାକୁ ଚିତାଲାଗି ଅମାବାସ୍ୟା କୁହାଯାଏ ।

ଗାଡ଼ିନୁହିଁଦ ବିଜେ :-

ଶ୍ରାବଣ ମାସ ଶୁକ୍ଳପକ୍ଷ ଏକାଦଶୀ ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘରୁ ନୁହିଁଦ ଖୋଷାମାନ ନେଇ ଚପଡ଼ୋଳିରେ ମାର୍କଣ୍ଡ, ଚକ୍ରୀ, ପଣ୍ଡୁ ଓ ରୁଦ୍ର ଆଦି ଆସନକୁ ବିଜେ କରନ୍ତି ।

ଝୁଲଣ ଯାତ୍ରା :-

ଶ୍ରାବଣମାସ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ହୁଏ । ମଧ୍ୟାହ୍ନ ଧୂପ ପରେ ମୁକ୍ତିମଣ୍ଡପ ଉପରେ ନିର୍ମିତ ଝୁଲଣ ମଣ୍ଡପକୁ ମଦନ ମୋହନ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ସେବକମାନେ ବିଜେ କରନ୍ତି । ବାହାରେ ଭୋଗ କରାଯାଏ । ମନ୍ଦିର ଭିତରେ ଚନ୍ଦନ ଲାଗି ଶାଢ଼ୀ ପରେ ମଦନ ମୋହନଙ୍କୁ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଶ୍ରୀଦାସକ ବିଜେ କରାଯାଏ । ଝୁଲଣ ପୂର୍ଣ୍ଣିମାକୁ 'ଗହ୍ମାପୂର୍ଣ୍ଣିମା' କୁହାଯାଏ । ବଳଭଦ୍ରଙ୍କ ଜନ୍ମୋତ୍ସବ ଏହି ଦିନ ପାଳିତ କରାଯାଏ ।

ରାହୁରେଖା ଲାଗି :- ଭାଦ୍ରବ ମାସ କୃଷ୍ଣପକ୍ଷ ଏକାଦଶୀରେ ଠାକୁରମାନଙ୍କର ରାହୁରେଖା ଲାଗି ନୀତି ହୁଏ । ସ୍ନାନଯାତ୍ରା ସମୟରେ ଠାକୁରଙ୍କର ରାହୁରେଖା ବାହାର କରାଯାଇଥାଏ । ଓ ନୀତି ବିଧି ପୂର୍ବକ ଲାଗି କରାଯାଏ । ଏହି ରାହୁରେଖା ଲାଗି କାର୍ଯ୍ୟ [illegible] ଦଇତାମାନେ କରନ୍ତି ।

ଜନ୍ମାଷ୍ଟମୀ ଓ କୃଷ୍ଣ ଲୀଳା :-

ଓଡ଼ିଶାରେ କୃଷ୍ଣ ଉପାସନାର ପରମ୍ପରାନୁସାରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ କୃଷ୍ଣ ଜନ୍ମାଷ୍ଟମୀ ନୀତିପୂର୍ବକ ପାଳିତ ହୁଏ । ଶ୍ରୀ କୃଷ୍ଣ ଜନ୍ମ ବିଧାନ, ଦୋଳି ଲୀଳା ଆଦି ନୀତି ପାଳନ କରାଯାଏ । ଭାଦ୍ରବ କୃଷ୍ଣ ନବମୀ ଦିନ ନନ୍ଦ ଉତ୍ସବ, ଦଶମୀ ଦିନ ବନିଭୋଜି ବେଶ, କୋଳିଖିଆ ଓ ଅଘାସୁର -ବଧ, ଏକାଦଶୀ ଦିନ କାଳୀୟଦଳନ ଓ ଧେନୁକାସୁର ବଧ, ଦ୍ୱାଦଶୀ ଦିନ ପ୍ରଲମ୍ବାସୁରବଧ, ତ୍ରୟୋଦଶୀ ଦିନ କୃଷ୍ଣ ବଳରାମ ବେଶ, ଅମାବାସ୍ୟା ଦିନ ସପ୍ତପୁରୀ ଭୋଗ ଓ ବସ୍ତ୍ରହରଣ ନୀତି ଶୁକ୍ଳ ପ୍ରତିପଦା ଦିନ ଦାବାଗ୍ନି . ଦ୍ୱିତୀୟା ଦିନ କୁଞ୍ଜଲୀଳା, ତୃତୀୟା ଦିନ ପୋଲିମାଲିର ଦ୍ୱାରୀ ଉତ୍ସବ, ପଞ୍ଚମୀ ଦିନ ଦାନଲୀଳା, ଷଷ୍ଠୀ ଓ ସପ୍ତମୀ ଦିନ କୃଷ୍ଣ ଲୀଳା, ଅଷ୍ଟମୀ ଦିନ ରାଧାଷ୍ଟମୀ, ଦଶମୀ ଦିନ ଲଳିତା ଅଷ୍ଟା, ମଥୁରା ଯାତ୍ରାର ରଜକ ଉତ୍ସବ, ଧନୁଭଙ୍ଗ ଉତ୍ସବ, ମଲ୍ଲଯୁଦ୍ଧ ଉତ୍ସବ ଆଦି ନୀତି ପାଳନ କରାଯାଏ । ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନ ଗଣେଶ ପୂଜା, ପଞ୍ଚମୀ ଦିନ ଋଷି ପଞ୍ଚମୀ ବ୍ରତ ମଧ୍ୟ ପାଳିତ ହୁଏ ।

ପାର୍ଶ୍ୱ ପରିବର୍ତ୍ତନ :-

ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ପାଳନ କରାଯାଏ । ଏହି ଦିନ ଶୟନ ଠାକୁରଙ୍କର ପାର୍ଶ୍ୱ ପରିବର୍ତ୍ତନ ନୀତିପୂର୍ବକ କରାଯାଇଥାଏ ।

ଅନନ୍ତ ଚତୁର୍ଦ୍ଦଶୀ :-

ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟାଧୂପ ସରିବା ପରେ ମୁକ୍ତିମଣ୍ଡପର ପୂର୍ବ ଦିଗରେ ଦେବ ଅନନ୍ତଙ୍କ ପାଖରେ ଅନନ୍ତ ଚତୁର୍ଦ୍ଦଶୀ ପୂଜା ହୁଏ ଓ ପୂଜା ପରେ ଅନନ୍ତ ବ୍ରତ କଥା ପାଠ କରାଯାଏ । ଏହାପରେ ଠାକୁରଙ୍କ ବନ୍ଦାପନା କରାଯାଇ ଥାଏ ।

**ବାମନ ଜନ୍ମ :-**

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ବାମନ ଜନ୍ମ , ଶ୍ରୀହରି ପାର୍ଶ୍ୱ ପରିବର୍ତ୍ତନ ଓ ଶକ୍ରଧ୍ୱଜ
ପୂଜା ଆଦି ନୀତି ହୁଏ । ଏହି ଦିନ ଗଜପତି ମହାରାଜାଙ୍କ ରାଜଛତ୍ର ଆଣି ପତାକା ହୋଇ
ଧର୍ମ ଆଦେଶ ରୂପେ ଗ୍ରହଣ କରାଯାଏ । ଏଥିରେ ମହାରାଜାଙ୍କ 'ନାଁ' ଯୋଗକି ହେଉ
-ହିସାବୁ ସେହା ସୁନିଆ ଭାବରେ ପାଳିତ । ଏହିଦିନ ସନ୍ଧ୍ୟାଧୂପ ସରିବା ପରେ ସ୍ନାନବେଦୀ
ନିକଟରୁ ବାହାରୀ ମଣ୍ଡପରେ କୋଠସୁଆଁସ ସେବାୟତମାନେ ବୋଲିବ କାଠଖୁଣ୍ଟିରେ ଶକ୍ରଧ୍ୱଜ
ଆକୃତିରେ ତିଆରି କରିଥାନ୍ତି । ସେହା ପୂର୍ଣ୍ଣିମା ପର୍ଯ୍ୟନ୍ତ ରହେ । ଏହାରେ ଶକ୍ରଧ୍ୱଜ
ପୂଜା ନିମନ୍ତେ ପ୍ରହରୀ ଏକ ଷୋଡ଼ଶୋପଚାରରେ କରାଯାଏ ।

**ଇନ୍ଦ୍ର ଗୋବିନ୍ଦ ବନ୍ଦାପନା :-**

ଭାଦ୍ରବ ପୂର୍ଣ୍ଣିମା ଦିନ ସନ୍ଧ୍ୟା ଧୂପ ସରିବା ପରେ ସେବାୟତମାନେ ମିଳି
ଦୋଳଗୋବିନ୍ଦଙ୍କ ସହିତ ମଠ ଆଡ଼କୁ ବିଜେ କରାଯାଏ । ସେଠାରେ ନୀତିକି ଭୋଗ ସରିବା
ପରେ ଇନ୍ଦ୍ର ଚନ୍ଦ୍ର ଓ ଗୋବିନ୍ଦଙ୍କୁ ବନ୍ଦାପନା କରାଯିବା ପରେ ଠାକୁର ମନ୍ଦିରକୁ ବିଜେ କରନ୍ତି ।

**ଷୋଡ଼ଶ ଦିନାତ୍ମକ ରାଣୀଙ୍କ ଗୁଣ୍ଡିଚା :-**

୧୦ ଦିନ ଗଜପତି ବୋଲି ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ
ବିମଳାଙ୍କ ଷୋଡ଼ଶ ପୂଜା ଆରମ୍ଭ ହୁଏ । ଏହି ଦିନ ଦୁର୍ଗାଙ୍କୁ ଉତ୍ତର ଘରୁ ପାହାଡ଼
ଶ୍ରୀଜଗନ୍ନାଥ ମନ୍ଦିରରେ ୧୦୦୦ ବର୍ଷ ଜଳଦ୍ୱାରା ପରିବେଶ କରାଯାଉଥିବାରୁ ଏହାକୁ
'ଷୋଡ଼ଶ ଦିନାତ୍ମକ' କୁହାଯାଏ । ଏହି ସମୟରେ ପ୍ରଥମ ୮ ଦିନ ବିମଳାଙ୍କ ମନ୍ଦିରରେ
ଦୁର୍ଗା ମାଧବଙ୍କୁ ପୂଜା ଅର୍ଚ୍ଚନା ଆଦି କରାଯାଏ । 'ବଡ଼ ରାଣୀଙ୍କ ଗୁଣ୍ଡିଚା' ନାମରେ
ନାମିତ । ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ ନିଶାର୍ଦ୍ଧରେ ବିମଳାଙ୍କ ମନ୍ଦିରରେ ଷୋଡ଼ଶୀ
ଭୋଗ ଓ ବଳି ହୁଏ । ଏହି ସମସ୍ତ ଦିନରେ ଆଶ୍ୱିନ ଶୁକ୍ଳ ପର୍ଯ୍ୟନ୍ତ ଚାଲେ ।
ଷୋଳ ଦିନ ମଧ୍ୟରେ ଲୋକଙ୍କ ମାନସିକ ପୂରଣକାରୀ ବିମଳା ଠାକୁରାଣୀଙ୍କୁ ଉଗ୍ରତାରା , ମହାକାଳୀ
ଜୟଦୁର୍ଗା , ଭୁବନେଶ୍ୱରୀ , ନାରାୟଣୀ , କମଳା , ବନଦୁର୍ଗା ,
ଦଶଭୁଜା , ରାଜରାଜେଶ୍ୱରୀ , ହରଚଣ୍ଡୀ , ସିଂହବାହିନୀ ଆଦି ବେଶ କରାଯାଏ ।

ଦ୍ୱିତୀୟା ଓଷା :-

ଆଶ୍ୱିନ କୃଷ୍ଣ ପକ୍ଷର ଦିନ ଦ୍ୱିତୀୟା ଓଷା ପାଳନ କରାଯାଏ । ଏହି ଦିନ ଲକ୍ଷ୍ମୀଙ୍କ ଜଗମୋହନରେ ଲକ୍ଷ୍ମୀଙ୍କ ଚଳନ୍ତି, ପେଟିକାର ଅର୍ଚ୍ଚନ ଲାଗି ହୁଏ । ଲକ୍ଷ୍ମୀଙ୍କ ସମ୍ମୁଖରେ ଭୋଗ ଓ ଅନେକ ସାମଗ୍ରୀ ଦେଇ ଶ୍ରୀଦେଉଳର ଲକ୍ଷ୍ମୀପୁରାଣ କଥା ପାଠ ଓ ବନ୍ଦାପନା କରାଯାଏ । ଏହି ଦିନ ସଧବା କୁମାରୀମାନେ ଘରେ ପ୍ରଥମେ ଲକ୍ଷ୍ମୀଙ୍କ ପୂଜା ସରିବା ପରେ ଦୁର୍ଗାଙ୍କ ନାମ ସ୍ମରଣ କରାଯାଏ ।

ଦଶହରା ବା ଅପରାଜିତା ଦଶମୀ :-

ଆଶ୍ୱିନ ଶୁକ୍ଳ ଦଶମୀ ଦିନ ଦଶହରା ପାଳନ କରାଯାଏ । ଏହାକୁ 'ଅପରାଜିତା ଦଶମୀ' ମଧ୍ୟ କୁହାଯାଏ । ଏହି ଦିନ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବେଶରେ ଶସ୍ତ୍ର ପୂଜା, ମଦନମୋହନ ଓ ଦଶମୀ ପୂଜାରି ବିଜେ ହୋଇଥାଏ" ପୂଜା କରାଯାଏ । ଓଡ଼ିଶାର ଗ୍ରାମପଲ୍ଲୀରେ ଦଶହରା ମହାସମାରୋହରେ ପାଳିତ ହୁଏ ।

କୁମାର ପୂର୍ଣ୍ଣିମା :-

କୁମାର ପୂର୍ଣ୍ଣିମା ଆଶ୍ୱିନ ମାସ ପୂର୍ଣ୍ଣିମାରେ ପାଳିତ ହୁଏ । ଏହିଦିନ ମଧ୍ୟାହ୍ନ ଧୂପରେ ସୁଦର୍ଶନ ଭଗବାନ ଶାରଦାଙ୍କୁ ବିଜେ କରନ୍ତି । ଭୋଗ ବନ୍ଦାପନା ପରେ ଦୁର୍ଗାଙ୍କ ମନ୍ଦିରକୁ ଫେରିଆସନ୍ତି । ସନ୍ଧ୍ୟାଧୂପ ପରେ ମଦନମୋହନ ଓ ଲକ୍ଷ୍ମୀଙ୍କୁ ଯୋଗାମାନି ଦେଇ ଲକ୍ଷ୍ମୀଙ୍କ ଜଗମୋହନକୁ ନିଆଯାଏ । ସେଠାରେ ମଦନମୋହନ ପ୍ରତିନିଧି ରୂପେ ସୁଦର୍ଶନ ଓ ଲକ୍ଷ୍ମୀଙ୍କ ପ୍ରତିନିଧି ଭାବେ ଭିତରୁ ମହାଜନ ୨୧ଟି ପିଙ୍ଗୁଳି କଉଡ଼ି ଓ ୨୧ଟି ଗୁଆ ଖେଳି-ରେ ଖେଳ ଖେଳନ୍ତି । ଏହାପରେ ଶିବ ଦୁର୍ଗାଙ୍କ ମଣ୍ଡପରେ ଭୋଗ ଠାକୁରଙ୍କୁ ସିଂହାସନ ବିଜେ କରାଯାଏ । ଏହାପରେ ରତ୍ନସିଂହାସନ ପାଖରେ ଓ ଦ୍ୱାରରେ ଭୁଜଙ୍ଗ ଖେଳି ହୁଏ । ଏହି ଖେଳରେ ମଦନମୋହନ ଓ ଲକ୍ଷ୍ମୀଦେବୀ ଖେଳନ୍ତି । ଖେଳରେ ମହାପ୍ରଭୁ ହାରି ଯାଆନ୍ତି, ନିଜକୁ ନାରାୟଣଙ୍କୁ ଲକ୍ଷ୍ମୀଙ୍କ ମନ୍ଦିରରେ ଭୁଜଙ୍ଗ ଖେଳନ୍ତି ଏହା ଦେଖିବାକୁ ପଡ଼ିଥାଏ,

ରାଧାଦାମୋଦର ପୂଜା :-

ରାଧାଦାମୋଦର ବେଶ ଦଶହରା ପରେ ଏକାଦଶୀ ଠାରୁ ମହାପ୍ରଭୁଙ୍କ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଲାଗି ରହେ । ଓ କାର୍ତ୍ତିକ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ଲକ୍ଷ୍ମୀ-ନାରାୟଣ ବେଶ , ବାଙ୍କଚୂଡା ବେଶ ଓ ବାମନ ବେଶ , ଆଡକିଆ ବା ତ୍ରିବିକ୍ରମ ବେଶ , ଲକ୍ଷ୍ମୀ ନୃସିଂହ ବେଶ ଓ ରାଜରାଜେଶ୍ୱରୀ ବେଶ କରାଯାଏ । ଯେଉଁ ବର୍ଷ ଏହି ପାଞ୍ଚୋଟି ତିଥି , ଛଅଦିନ ହୁଏ ସେ ବର୍ଷ ନାଗାର୍ଜୁନ ବେଶ ହୁଏ । କାର୍ତ୍ତିକ ମାସ ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟେକ ସୋମବାର ଦିନ ବଡଠାକୁର ହରିହର ବେଶ ହୋଇଥାଆନ୍ତି ।

ହରି ଉତ୍ଥାପନ :-

ହରି ଉତ୍ଥାପନ କାର୍ତ୍ତିକ ଶୁକ୍ଳ ଏକାଦଶୀ ପାଳିତ ହୁଏ । ଏହି ଦିନ ବଡସିଂହାର ଭୋଗ ପରେ ବିଧିପୂର୍ବକ ଶାଳଗ୍ରାମ ଠାକୁରଙ୍କୁ ଜଗମୋହନ ମଣ୍ଡପ ପରେ ନିର୍ଦ୍ଦେଶ କରାଯାଏ , ତା ପରେ ମହାପ୍ରଭୁଙ୍କର ଉତ୍ଥାନ ନୀତି ହୁଏ । କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ସନ୍ଧ୍ୟାଧୂପ ପରେ ଶ୍ରୀଙ୍କର ଉତ୍ଥାପନ ନୀତି ହୁଏ । ଏହି ଦ୍ୱାଦଶୀ ଓ ତ୍ରୟୋଦଶୀ ଦିନ ସନ୍ଧ୍ୟାଧୂପ ପରେ ମଦନମୋହନଙ୍କୁ ଶୋଭାଯାତ୍ରା ନିମନ୍ତେ ନିର୍ଦ୍ଦେଶ କରାଯାଏ ।

ଗର୍ଭଣା ସଂକ୍ରାନ୍ତି :-

ଗର୍ଭଣା ସଂକ୍ରାନ୍ତି ତୁଳା ସଂକ୍ରାନ୍ତିକୁ କୁହାଯାଏ । ଏହି ଦିନ ସନ୍ଧ୍ୟା ଧୂପ ଶେଷ ପରେ ମୁଦିରଥ ଠାକୁରଙ୍କ ଶ୍ରୀ ଅଙ୍ଗରେ ପ୍ରସାଦ ଲାଗି କରନ୍ତି । ସେମାନେ ପୋଡ଼ ଭଣ୍ଡାରରେ ଭୋଗ କରନ୍ତି । ସେହି ଜମିରେ ଜନେ ସେବକ ଗୋପାଳଙ୍କ ହାତରେ କିନ୍ତୁ ଉତ୍କଳ ସଂସ୍କୃତି ଆଧାର କରି ଧାନ ମନ୍ଦିର ଚାରିପାଖରେ ଲଗାଇଥାନ୍ତି ।

ନବାନ୍ନ :-

ନବାନ୍ନ ନିମନ୍ତେ ମହାପ୍ରଭୁ ରାଜଗୁରୁ ଦେଇ ଦିନ ସ୍ଥିର କରାଯାଉଥିବାରୁ ଏହା ମାର୍ଗଶିର ଦିନ ନହେଁ, ଏହି ଦିନ ପ୍ରଥମ କରି ନୂଆ ଧାନ ଓ ଚାଉଳ ଠାକୁରଙ୍କୁ ଭୋଗ କରାଯାଉଥିବାରୁ ଏହାର ନାମକରଣ ନବାନ୍ନ ହୋଇଛି ।

## ପ୍ରଥମାଷ୍ଟମୀ :-

ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ । ଏହିଦିନ ଚିତ୍ର ଖଟରେ ଠାକୁରଙ୍କ ନୂତନ ବସ୍ତ୍ର ଲାଗି କରାଯାଏ । ମଧ୍ୟାହ୍ନ ଧୂପ ପରେ ଏ ଖଟରେ ମଣ୍ଡପୋତ୍ସବ ହୁଏ । ଏହି ସମୟରେ ଠାକୁରଙ୍କୁ ଓଳୁଆପୁରିଆ ଲଡୁ ଓ ଚେନା ପ୍ରସାଦ ଲାଗି କରାଯାଇ ବନ୍ଦାପନା କରାଯାଏ ।

## ଦୀପଦାନ ବା ପିତୃଶ୍ରାଦ୍ଧ :-

ମାର୍ଗଶିର ମାସ କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଏହି ତିନିଦିନ ଧରି ମହାପ୍ରଭୁ ଦୀପଦାନ ଓ ପିତୃଶ୍ରାଦ୍ଧ କରନ୍ତି । ଏଥିନିମନ୍ତେ ପ୍ରତିପଦା ଦିନ ସନ୍ଧ୍ୟା ଧୂପ ପରେ ରତ୍ନ ମେକାପ ସିଂହାସନ ତଳେ ବାଡ଼ିକରେ ଗୋଟିଏ ଶଙ୍ଖ ନିର୍ମିତ ... ଏହି ଶଙ୍ଖରେ ଘିଅ ଜାଳନ୍ତି । ଜଳନ୍ତି । ଆଳଟି ମେକାପ ଜଳଯାନମାନଙ୍କରେ ପିଣ୍ଡ ଦେଇ ଏହି ଶଙ୍ଖରେ ଦୀପ ଜାଳନ୍ତି । ଏହି ଦିନ ଠାକୁର ପିତୃ ଏହାକୁ ସମ୍ମାନ କରି ଭାଗି ଛୁଡନ୍ତି ଓ ବନ୍ଦାପନା କରନ୍ତି । ଏହି ଦିନ ଠାକୁର ନନ୍ଦ ଯଶୋଦା, ଦେବକୀ ବାସୁଦେବ, ରାଜା ଇନ୍ଦ୍ରଦ୍ୟୁମ୍ନ ରାଣୀ ଓ ଗୁଣ୍ଡିଚା ଆଦି ପିତୃଗଣଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରନ୍ତି । ଅନ୍ୟ ଦେବଦେବୀଙ୍କ ମଧ୍ୟରେ ଦଶାବତାର ଓ ବୋଲାବାଦିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରାଯାଏ ।

## ପ୍ରାବରଣ ଷଷ୍ଠୀ ବା ଓଢଣଷଷ୍ଠୀ :-

ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ବା ମାଘଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ଠାକୁରମାନଙ୍କୁ ଘୋଡ଼ଲାଗି କରାଯାଏ । ଏହାକୁ ଓଢଣଷଷ୍ଠୀ ବା ଘୋଡ଼ ଲାଗି ଷଷ୍ଠୀ କୁହାଯାଏ । ଠାକୁର ମାନଙ୍କୁ ଶୀତରୁ ରକ୍ଷା କରିବାକୁ ଶୀତଋତୁ ପର୍ଯ୍ୟନ୍ତ ଏହି ଘୋଡ଼ ଲାଗି କରାଯାଏ । କଳାଛିଟ ମିଶା ଶୁକ୍ଳ ଘୋଡ଼, ନାଲି ଘୋଡ଼, ଶାଗୁଆ ରଙ୍ଗର ଘୋଡ଼, ଶୁକ୍ଳ ରଙ୍ଗର ଘୋଡ଼ ଓ କଳା ରଙ୍ଗର ଘୋଡ଼ ପ୍ରଭୃତି ମଧ୍ୟାହ୍ନ ଧୂପରୁ ଅନ୍ୟ ଧୂପମାନଙ୍କରେ ଲାଗି କରାଯାଏ । ଏହି ସମୟରେ ପୂଜାପଣ୍ଡାମାନେ ସିଂହାସନରେ କ ଜପି ପୂଜାକରନ୍ତି ।

## ପହିଲି ଭୋଗ :-

ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ପୌଷମାସରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପହିଲି ଭୋଗ ନୀତି ହୁଏ । ଏହି ମାସରେ "ଧନୁମୁଆଁ" ଠାକୁରଙ୍କୁ ଭୋଗ ଲାଗେ । ଦୈନିକ ବଲ୍ଲଭ ସହ ପହିଲି ଭୋଗ ହୁଏ । କିମ୍ବଦନ୍ତୀ ଅଛି ଏହି ସମୟରେ ଲକ୍ଷ୍ମୀ ନିଜର ପିତ୍ରାଳୟରୁ ଗମନ କରିଥିବାରୁ ଜନନୀ ଯଶୋଦା ନିଜର ପୁଅଙ୍କୁ ଖେଚୁଡ଼ି ଖାଇବାକୁ ଦିଅନ୍ତି । ଏହା ପହିଲି ଭୋଗ ରୂପେ ଖ୍ୟାତ । ଏହି ପହିଲି ଭୋଗରେ ଖେଚିଡ଼ି, ଦହି, ପିଠା, କାକରା, ଅମାଲୁ, ପୋଡ଼ିଆ, ଲଡୁ, ଗଜା, ଜଲେବୀ, ମଣ୍ଡା, ଛିଟ୍ଟି, ଚୁଡ଼ାଘସା, କଦଳୀ ଗେହେଗେନେଦା ପୋଡ଼ ପିଠା ଭୋଗ ଲାଗେ । ଏହି ସକାଳରେ ଶୀଘ୍ର ଭୋଗ ମଣ୍ଡପ ପୂଜା ସରୁଥିବାରୁ ଠାକୁରଙ୍କର ଦିନ ଅନୁପ ନୀତି ହୁଏ । ମକର ସଂକ୍ରାନ୍ତି ପୂର୍ବଦିନ ନବାଙ୍କ ଓ ଫୁଲର ମେଲାଣ ହୁଏ । ମକର ସଂକ୍ରାନ୍ତି ଦିନ ନବାଙ୍କ ବେଢା ପରିବା ପରେ ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗେ । ଏହି ଦିନ ପହିଲି ଭୋଗ ସମାପ୍ତ ହୁଏ ।

## ପୁଷ୍ୟାଭିଷେକ :-

ପୌଷମାସ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହୁଏ । ଏହା ପୂର୍ବ ଏକାଦଶୀ ଦିନ-ମନ୍ଦିର ପୁରୋହିତ ସ୍ନାନମଣ୍ଡପ ପାଖରେ ଅଙ୍କୁରାରୋପଣ ପୂଜା କରି-ଥାଆନ୍ତି । ଦଶିଆ ଘର ଭୋଗ ସମାପ୍ତ ହେବା ପରେ ରଘୁନାଥ ଜିଉ ସିଂହାସନରୁ ବିଜେହୋଇ ପୋଗାମାଳୀ ଭିତର ଗାଲିଚିରେ ଲକ୍ଷ୍ମୀଙ୍କ ମନ୍ଦିରକୁ ବାହାର ଅଭିଷେକ ନିମନ୍ତେ ବିଜେକରନ୍ତି ।

## ବସନ୍ତ ପଞ୍ଚମୀ :-

ମାଘମାସ ଶୁକ୍ଳ ପଞ୍ଚମୀ ରୂପେ ପରିଚିତ । ଏହି ଦିନ ବାଗ୍ଦେବୀଙ୍କୁ ପୂଜା କରାଗଲେ ମଧ୍ୟ ଶ୍ରୀମନ୍ଦିରରେ ପରମେଶ୍ୱରଙ୍କ ପାଖରେ ମୁଦିରଥ ଓ ଲକ୍ଷ୍ମୀଙ୍କ ପାଖରେ ସୁନ୍ଦର ଦୀପାଲୋକ ଭିତରେ ଗମ୍ଭୀରି ଗହଣାମାନଙ୍କରେ ଶୋଭା ଲାଗନ୍ତି । ଭୋଗ ପରେ ବେଣ୍ଟ ଶିକାର ନିମନ୍ତେ ଏହା ପରେ ଶୀତଳ ଭୋଗ ଓ ନୀତି ହୁଏ । ଜଗନ୍ନାଥ ବଲ୍ଲଭ ମଠରୁ ବେଣ୍ଟ ପୋଖରୀ ଯାଆନ୍ତି । ସନ୍ଧ୍ୟା ଧୂପ ସରିବା ପରେ ସରସ୍ୱତୀଙ୍କ ମନ୍ଦିରରେ ବାଣୀ ପୂଜା ହୁଏ ।

ଗଜଉଦ୍ଧାରଣ ବେଶ :-

ମାଘମାସ ପୂର୍ଣ୍ଣିମା ମଧ୍ୟାହ୍ନ ଧୂପ ପରେ ଠାକୁରଙ୍କର ଗଜ ଉଦ୍ଧାରଣ ବେଶ ହୁଏ । ଏହି ବେଶ ବେଳେ ଗୋଟିଏ ଭୋଗ ମଣ୍ଡପ ଭୋଗ ମଧ୍ୟ ଅର୍ପିତ ହୁଏ । ଏହି ବେଶ ପ୍ରଥମେ ବାସୁଦେବ ବାବାଜୀ କରାଉଥିଲେ । ଏହାଙ୍କ ପୂର୍ବରୁ ପୁରୀର ରାଜା ସାହେବ ଏହି ବେଶ କରାଉଥିଲେ ବୋଲି ଶୁଣାଯାଏ । ଗଜକୁ ଉଦ୍ଧାର କରି ନକ୍ରକୁ ମାରିଥିଲେ । ସେଥିପାଇଁ ଶ୍ରୀ ଜଗନ୍ନାଥଙ୍କୁ ଗଜଉଦ୍ଧାରଣ ବେଶ କରାଯାଇଥାଏ ।

ଦୋଳଯାତ୍ରା :-

ଫାଲଗୁନ ମାସ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୋଳଯାତ୍ରାର ନୀତି ଶ୍ରୀ ମନ୍ଦିରରେ ପାଳିତ ହୁଏ । ଦଶମୀ ଦିନ ମଧ୍ୟାହ୍ନ ଧୂପ ପରେ ଲକ୍ଷ୍ମୀ, ସରସ୍ୱତୀ ଓ ଦୋଳଗୋବିନ୍ଦଙ୍କ ପୋଷାମାନେ ନେଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି । ସେଠାରେ ଭୋଗ ଇତ୍ୟାଦି ସରିଲା ପରେ ଚାହୁଡ଼ି ବିଜେ କରି ମନ୍ଦିରକୁ ଫେରନ୍ତି ଓ ତାପରେ ମନ୍ଦିରର ଅନ୍ୟାନ୍ୟ ନୀତି ହୁଏ । ଏହିପରି ନୀତି ଏକାଦଶୀ, ଦ୍ୱାଦଶୀ ଓ ତ୍ରୟୋଦଶୀ ଦିନ ମଧ୍ୟ ହୁଏ । ଶୁକ୍ଳ ଚତୁର୍ଦ୍ଦଶୀ ଦିନ ପୋଡ଼ି ଉତ୍ସବ ହୁଏ । ଏହି ଦିନ ଲକ୍ଷ୍ମୀନାରାୟଣଙ୍କର ଦୋଳି ଉପରୁ ଫେରି ହୁଏ । ଲକ୍ଷ୍ମୀଙ୍କ ପାଖରୁ ସମସ୍ତ ମାଦ୍ରୀ ଓ ନାରାୟଣଙ୍କ ପାଖରୁ ମୁଦ୍ରିକା ଘେନି ଫେରନ୍ତି । ଏହାର ପରଦିନ ଅର୍ଥାତ ପୂର୍ଣ୍ଣିମା ଦିନ ଲକ୍ଷ୍ମୀ, ସରସ୍ୱତୀ ଓ ଦୋଳଗୋବିନ୍ଦ ଦୋଳବେଦୀକୁ ବିଜେ କରନ୍ତି ।

ରାମଲୀଳା :-

ଚୈତ୍ର ଶୁକ୍ଳ ଅଷ୍ଟମୀ ଦିନଠାରୁ ଶ୍ରୀମନ୍ଦିରରେ ରାମଲୀଳା ନୀତି ଆରମ୍ଭ ହୁଏ । ଏହିଦିନ ସନ୍ଧ୍ୟାଧୂପ ସରିବା ପରେ ଜେଉଡ଼ ଭୋଗ ମହାପ୍ରଭୁଙ୍କ ପାଖରେ ହୁଏ । ତା ପରେ ଅର୍ଥାତ୍ ନବମୀ ଦିନ ମଧ୍ୟାହ୍ନ ଧୂପ ପରେ ରାମଜନ୍ମ ନୀତି ପାଳନ କରାଯାଏ । ଏହି ଦିନଠାରୁ ରାମଜନ୍ମ ପରର ସମସ୍ତ ନୀତିନିୟମ ବିଧିପୂର୍ବକ ପାଳିତ ହୁଏ । ଦଶମୀଦିନ ... ଏକାଦଶୀ ଦିନ ସୀତା ବିବାହ, ଦ୍ୱାଦଶୀ ଦିନ ବନବାସ, ଚତୁର୍ଦ୍ଦଶୀ ଦିନ ମାୟାମୃଗ ବଧ, ... ପ୍ରତିପଦା ଦିନ ସେତୁବନ୍ଧ, ଦ୍ୱିତୀୟା ... ପୂର୍ଣ୍ଣିମା ଦିନ ଲଙ୍କାପୋଡ଼ି, ... ଦିନ ରାବଣବଧ ଆଦି ପାଳନ କରାଯାଏ ।

ଶ୍ରୀଜଗନ୍ନାଥ ଗୋଲୋକ ଧାମକୁ ଶ୍ରୀ ପୁରୁଷୋତ୍ତମଧାମରେ ଆରୋପିତ କରି ଜଗନ୍ନାଥ ଦାସ ପ୍ରମୁଖ ଭକ୍ତି ବହୁ ସନ୍ଥକବି ଗ୍ରନ୍ଥମାନ ରଚନା କରିଥିଲେ । ଶ୍ରୀ ହରିଙ୍କର ସେବାପୂଜା ଉପରେ ତାଙ୍କର ଆଲୋଚନା ଅନିରୁଦ୍ଧ ଦାରୁବ୍ରହ୍ମ ରୂପରେ ନୀଳଗିରିରେ କିପରି ବିରାଜମାନ କରିଛନ୍ତି : ତାର ସୁନ୍ଦର ସରଳ ଭାଷାରେ ଏଥିରେ ବର୍ଣ୍ଣିତ ହୋଇଛି ।

"ଦେଖିଲା ଦାରୁ ବ୍ରହ୍ମ ହରି । ବିଜେ ବ୍ରହ୍ମ ସଂହାରି ।
ରାଜା ତା ଦେଖିଣ ଆଇଲେ । ଭୂପତି ଭିତରେ ରହିଲେ ।
ଅଛନ୍ତି ଗୋବିନ୍ଦିକ ଆଗେ । ଦେଖିଲେ ଲୋକେ ନାରାୟଣେ ।
ଧରନ୍ତି ଚତୁର୍ଦ୍ଧା ମୂରତି । ଜଗତେ ଦାରୁ ବ୍ରହ୍ମ ଜ୍ୟୋତି ।
ଦେଖନ୍ତି ନୃପତି ତେସର । ମନରେ ହୋଇଲେ କାତର ।
ଦେଖନ୍ତି ନୟନେ ଚାହିଁଲା । ଛୁଟିଲା ନିର୍ଲୋଭ ହେଲା ।
କିଛି ସେ ପୂଜା ଆରମ୍ଭିଲା । ତାହିଁ ସେ ଆନନ୍ଦ ହେଲା ।
ସମସ୍ତ କରିଣ ଭିଆଣ । ରାଜା ଯେ ସମସ୍ତ କରିଲେ ।
ଚତୁର୍ଦ୍ଧା ବ୍ରହ୍ମ ବିରାଜିତ । ନୀଳ ଚକ୍ରରେ ସୁଖେ ରହି ।"

(ଦାରୁ ବ୍ରହ୍ମ ଗୀତା)

ସେହିପରି, 'ତୁଳାଭିଣା' ଗ୍ରନ୍ଥରେ କବି ଜଗନ୍ନାଥ ଦାସ ଶ୍ରୀ ଜଗନ୍ନାଥଙ୍କୁ ପ୍ରଣବର ସ୍ୱରୂପ ଭାବରେ ପ୍ରକଟ କରିଛନ୍ତି ।

" ଦେଖ ଓ ଜଗନ୍ନାଥଙ୍କର ।
ସ୍ୱରୂପ ପ୍ରଣବ ଆକାର ।"

## ନିଷ୍କର୍ଷ

ଶ୍ରୀ ଜଗନ୍ନାଥ ଉତ୍କଳର ଗର୍ବ । ଓଡ଼ିଶାର ଅଧିଷ୍ଠାତ୍ରୀ ଦେବତା । ସମସ୍ତେ ତାଙ୍କୁ ଜଗତର ନାଥ, ଶ୍ରୀ ଜଗନ୍ନାଥ ରୂପେ ପୂଜା ଉପାସନା କରନ୍ତି । ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦକୁ ନିର୍ବିଶେଷରେ ଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ଏକତ୍ର ଭୋଜନ କରିଥାନ୍ତି । ଉତ୍କଳୀୟ ସଂସ୍କୃତିରେ ବାରମାସରେ ତେର ପର୍ବ ପାଳନ କରାଯାଇଥାଏ । ଶ୍ରୀ ଜଗନ୍ନାଥ ଅନେକ ବେଶ ମଧ୍ୟ ଧାରଣ କରିଥାନ୍ତି । ଯେପରି - ହାତୀ ବେଶ, ନାଗାର୍ଜୁନ ବେଶ, କାଳୀୟ ଦଳନ ବେଶ, ସୁନା ବେଶ, ରାଜା ବେଶ, ବୋଇତାଳି ବେଶ ଇତ୍ୟାଦି । ଭାଗବତରେ ଉଲ୍ଲେଖ ଅଛି -

"ମର୍ତ୍ତ୍ୟମଣ୍ଡଳେ ଦେବ ବଡ଼
ଦେବତା ବୋଲାଇଲେ ମାତର" ।

ଶ୍ରୀ ଜଗନ୍ନାଥ ଭକ୍ତ ବତ୍ସଳ । ତାଙ୍କ ପାଖରେ ଜାତିଭେଦ, ଉଚ୍ଚନୀଚ ଆଦିର କିଛି ବିଚାର ନାହିଁ । ଭକ୍ତ ଦାସିଆ ବାଉରୀ ଦ୍ୱାରା ଅର୍ପିତ ନଡ଼ିଆକୁ ଆଗ୍ରହରେ ନିଜ ଶ୍ରୀହସ୍ତ ପ୍ରସାରି ସ୍ୱୀକାରୁଛନ୍ତି । ଭକ୍ତ ବଳରାମ ଦାସଙ୍କର ଭାବରେ ବନ୍ଧା ହୋଇ ଜଗନ୍ନାଥ ନିଜ ରଥକୁ ଛାଡ଼ି ଚାଲିଯାଇଛନ୍ତି ତାଙ୍କର ବାଲି ରଥକୁ । ସେହିପରି ମହାପ୍ରଭୁ ଭୋଗକୁ ଛାଡ଼ି ଚାଲିଯାଇଛନ୍ତି ତାଙ୍କର ସୁଦାମାର ବାଲି ଉପରକୁ । ଏଣୁ ଶ୍ରୀ ଜଗନ୍ନାଥ ସପ୍ତାହର ବିଭିନ୍ନ ବେଶ ମଧ୍ୟ ଧାରଣ କରିଥାନ୍ତି ଇଚ୍ଛାନୁସାରେ । ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି । ମହାପ୍ରଭୁଙ୍କର ମୁଖ୍ୟ ଲୀଳା ଦେଉଛି ରଥଯାତ୍ରା । ବଡ଼ ଦାଣ୍ଡରେ ତିନୋଟି ୧୨ ମିଟର ଲମ୍ବରେ ତିଆରି ହୋଇ ଶ୍ରୀ କ୍ଷେତ୍ରରେ ଅନୁଷ୍ଠିତ ହୋଇଥାଏ । ଜଗନ୍ନାଥଙ୍କର ଥାଏ । ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା । ଶ୍ରୀ କ୍ଷେତ୍ରରେ ବାରମାସରେ ତେର ପର୍ବ ପାଳନ ହୁଏ । ଯାତ୍ରା ଦେଉଛି ସର୍ବଶ୍ରେଷ୍ଠ ଯାତ୍ରା । ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳିତ ହୁଏ । ଏହି ଦିନ ହୋଇଥାଏ । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ମହାପ୍ରଭୁଙ୍କର ମହାପ୍ରଭୁଙ୍କ ସ୍ନାନଯାତ୍ରା ପାଳିତ ହୁଏ । ଶ୍ରୀ ଜଗନ୍ନାଥ ଜଗତର ନାଥ । ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଏ ରଥଯାତ୍ରା ପାଳନ କରାଯାଏ । ଉତ୍କଳୀୟ ସଂସ୍କୃତିରେ ସେ ଆରାଧ୍ୟ ଦେବ ସେ ଉପାସ୍ୟ ଦେବତା । ସେ ଆରାଧ୍ୟ ଦେବତା । ଓଡ଼ିଶାର ସେ ଜାତୀୟ ଦେବତା । ଜଗତର ଶ୍ରେଷ୍ଠ ଆଦର୍ଶ ଦେଉଛନ୍ତି ଶ୍ରୀଜଗନ୍ନାଥ ଦାରୁ ଦେବତା । ଓଡ଼ିଶାର ସେ ଜାତୀୟ ଦେବ, ଜଗତର ଶ୍ରେଷ୍ଠ ଆଦର୍ଶ ଦେଉଛନ୍ତି ଶ୍ରୀଜଗନ୍ନାଥ ।

PROJECT REPORT ON

## DEPARTMENT OF ODIA

## PATTAMUNDAI COLLEGE, PATTAMUNDAI

## SESSION 2021-22

## ATTENDANCE SHEET OF STUDENTS

| SL. NO. | NAME OF THE STUDENT | ROLL NO. | SIGNATURE |
|---|---|---|---|
| 1 | Itishree pandab. | 190101144002015 | Itishree Pandab. |
| 2 | kamalini malick | 1901011440020116 | Kamalini malik |
| 3 | Karisma Samal | 1901011440020117 | Karisma Samal |
| 4 | Litu Sethi | 1901011440020118 | Litu Sethi |
| 5 | Liza sethi | 1901011440020119 | Liza sethi |
| 6 | minakshi mallik | 1901011440020121 | minakshi mallik |
| 7 | Namita Geru | 1901011440020122 | Namita Geru |
| 8 | Prabina sahoo | 1901011440020123 | Prabina sahoo |
| 9 | Pratima swain | 1901011440020125 | Pratima swain |
| 10 | Prativa Das | 1901011440020126 | Prativa Das |
| 11 | Gitanjali Parida | 1901011440020114 | Gitanjali Parida |
| 12 | Dipti rani malik | 1901011440020113 | Dipti rani malik |
| 13 | Diptimayee Behera | 1901011440020119 | Diptimayee Behera |
| 14 | Binapani Rout | 19010114400201[illegible] | Binapani Rout |
| 15 | Barsha Mallick | 1901011440020110 | Barsha Mallick |
| 16 | Arpitarani Das | 1901011440020109 | Arpitarani Das |
| 17 | Anima sahoo | 1901011440020103 | Anima sahoo |
| 18 | | | |
| 19 | | | |
| 20 | | | |
| 21 | | | |